## ସଂକ୍ଷେପରେ

### ଧର୍ମଶାଳା ବ୍ଲକର ୭ ପିଇଓଙ୍କ ବଦଳି

**ଧର୍ମଶାଳା,୧୧।୫(ଡି.ଏନ.ଏ.):** ଧର୍ମଶାଳା ବିଡିଓ ଅରବିନ୍ଦ ବେହେରାଙ୍କ ସୁପାରିସ କ୍ରମେ ୭ ଜଣ ପିଇଓଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଉକ୍ତ ବ୍ଲକ କୁମାରୀ ଓ ଗଙ୍ଗାଧରପୁର ପଞ୍ଚାୟତର ପିଇଓ ନିର୍ମଳ କୁମାର ପଣ୍ଡାଙ୍କୁ ମର୍ଜିତାପୁର ପଞ୍ଚାୟତକୁ ବଦଳି କରାଯାଇଛି। ସେହିପରି ସମ୍ପାରୁ ପଞ୍ଚାୟତର ପିଇଓ ସ୍ମୃତିସଞ୍ଜିତା ରାଉତଙ୍କୁ ଦେଓଦା, ମର୍ଜିତାପୁର ପିଇଓ ରମେଶ ସାହୁଙ୍କୁ ସମ୍ପାରୁ, ଚକ୍ରଧରପୁର ଓ ରେଖିଦେଇପୁର ପିଇଓ ମାନଗୋବିନ୍ଦ ବରାଳଙ୍କୁ ଚକ୍ରଧରପୁର ଓ କୁମାରୀ, ଅଭିମନ୍ୟୁ ସାହୁଙ୍କୁ ରେଖିଦେଇପୁର, ସୁଜାତା ପାଣିଗ୍ରାହୀଙ୍କୁ ଗଙ୍ଗାଧରପୁର ଓ ପାଣ୍ଡବ ସାମଲଙ୍କୁ ପାଟପୁର ପିଇଓ ଭାବେ ବଦଳି କରାଯାଇଛି। ବ୍ଲକ ପତ୍ର ସଂଖ୍ୟା:୨୨୮୨/ତା:୯।୫।୨୨ରେ ଏହି ଚିଠି ପ୍ରକାଶ ପାଇଛି।

### ପାଣି ପାଇପ୍ ଚୋରି ମାମଲାରେ ଆଉ ଜଣେ ଗିରଫ

**ଚଣ୍ଡିଖୋଲ,୧୧।୫(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରୁକୁଟି ପାଟରେ ଥିବା ଉଠା ଜଳସେଚନ ପ୍ରକଳ୍ପର ପାଣି ପାଇପ ଚୋରି ଅଭିଯୋଗରେ ବୁଧବାର ପୋଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ରୁକୁଟି ପାଟ ଗ୍ରାମର ଦେବାନନ୍ଦ ଦଳେଇ। ପୂର୍ବରୁ ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଥିଲା। ମାମଲା ନଂ.୧୭୯/୨୨ରେ ଦେବାନନ୍ଦଙ୍କୁ କୋର୍ଟଚାଲାଣ କରାଯାଇଛି।

### ଏଏପି ପକ୍ଷରୁ ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟମୁକ୍ତ ଦାବି

**ପାଣିକୋଇଲି,୧୧।୫(ଡି.ଏନ.ଏ.):** ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ପାଣିକୋଇଲି ଅଢ଼େଇ ବାଟିଆଠାରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡ଼ାଇଙ୍କ ନେତୃତ୍ୱରେ କୋରେଇ ନିର୍ବାଚନମଣ୍ଡଳୀର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏହି ବୈଠକ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆପର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର, ପୁରୀ ଜିଲା କାର୍ଯ୍ୟକର୍ତ୍ତା ସଞ୍ଜୀବ ମହାନ୍ତି, ଜିଲା ସଂଯୋଜକ ମନୋଜ ମହାନ୍ତି, ବ୍ୟାସନଗର ସଂଯୋଜକ ପୁଲିନ ବିହାରୀ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକ୍ରମ, ଅହେତୁକ ଦରବୃଦ୍ଧି, ଗ୍ୟାସ, ପେଟ୍ରୋଲର ଦରବୃଦ୍ଧି, ବିଦ୍ୟୁତ୍ ଘରୋଇ କରଣ କରି ଲୋକଙ୍କୁ ଶୋଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ବିଦ୍ୟୁତ୍ ବଳକା ରାଜ୍ୟ ଓଡ଼ିଶାରେ ଦିଲ୍ଲୀ ଭଳି ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼ ପାଇଁ ଦାବି ଉପସ୍ଥାପନା କରାଯିବା ସହ ଲୋକଙ୍କଠାରୁ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ତପନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରେଇ ବ୍ଲକର ୨୮ ପଞ୍ଚାୟତ, ରସୁଲପୁର ବ୍ଲକର ୯ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳର ୨୬ଟି ୱାର୍ଡର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କୋରେଇ ନିର୍ବାଚନମଣ୍ଡଳୀରେ ଦଳକୁ ମଜଭୁତ କିପରି କରାଯିବ ସେନେଇ କାର୍ଯ୍ୟକର୍ତ୍ତା ଆଲୋଚନା କରିଥିଲେ।

### ନଗଡ଼ା ସ୍କୁଲକୁ ଉଚ୍ଚ ପ୍ରାଥମିକ ସ୍କୁଲର ମାନ୍ୟତା

**ଯାଜପୁର ଅଫିସ,୧୧।୫:** ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡ଼ା ଓ ଗୁହିଆଶାଳରେ ଥିବା ପ୍ରାଥମିକ ସ୍କୁଲକୁ ଅପଗ୍ରେଡେଶନ କରାଯାଇଛି। ନଗଡ଼ା ପିଲାମାନେ ସେହି ସ୍କୁଲରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବାର ସୁଯୋଗ ପାଇ ପାରିବେ। ଏହି ମର୍ମରେ ଯାଜପୁର ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ଓ ଜିଲା ଶିକ୍ଷାଧିକାରୀ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀଙ୍କୁ ମଙ୍ଗଳବାର ପତ୍ର ମାଧ୍ୟମରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି । ପୂର୍ବରୁ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୯୩୩୪/୨।୫।୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ, ଗତ ନଭେମ୍ବରରେ ନଗଡ଼ା, ଗୁହିଆଶାଳ, ତଳଡିହ, ନାଳିଆଡାବ ଓ ତୁମୁଣି ଗ୍ରାମବାସୀ ଉଚ୍ଚ ପ୍ରାଥମିକ ସ୍କୁଲ ଖୋଲିବାକୁ ଦାବି କରିଥିଲେ। ନଗଡ଼ା, ଗୁହିଆ ଦୂର ଦେଓଗାଁ ଶାଳ ଓ ତୁମୁଣି ଗ୍ରାମର ୫୩ ଜଣ ଛାତ୍ରୀଛାତ୍ର ସେମାନଙ୍କ ଗ୍ରାମଠାରୁ ୧୦ କି.ମି. ଦୂର ଦେଓଗାଁ ପ୍ରାଥମିକ ସ୍କୁଲରେ ପଢୁଥିଲେ। ଫଳରେ ସେମାନଙ୍କ ଶିକ୍ଷାଦାନରେ ସମସ୍ୟା ହେଉଥିଲା।

# ନିର୍ମାଣ ବିଳମ୍ବ ହେଲେ ଚଢ଼ା ଦର

**ଯାଜପୁର ଅଫିସ,୧୧।୫**

ବିଳମ୍ବ ହେଲେ ଚଢ଼ା ଦର ମିଳିବ, ଏହି ନୀତିରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଛି। ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ନିର୍ମାଣ ନ କରି ଜାଣିଶୁଣି ଦିନ ଘୁଞ୍ଚାଇ ଚାଲିଛନ୍ତି। ଏପରି କି ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଠିକାଦାରଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରି ପୁଣି ନୀରବି ଯାଉଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ରାଜ୍ୟ ମଜୁରୀ ନିର୍ଦ୍ଧାରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ବର୍ଷକୁ ବର୍ଷ ହେଉଥିବା ଶ୍ରମିକଙ୍କ ବର୍ଦ୍ଧିତ ଦର ଓ ନିର୍ମାଣ ସାମଗ୍ରୀର ଅତିରିକ୍ତ ଅର୍ଥକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଶି ହଡପ କରିବାରେ ଲାଗିଛନ୍ତି ବୋଲି ମତପ୍ରକାଶ ପାଇଛି ।

ଯାଜପୁର ଜିଲା ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନ ସାନଗେଙ୍ଗୁଟି ନଦୀର ଭୂବନପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଠାରୁ ଜଗନ୍ନାଥପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାରେ ଏକ ବିଜୁ ସେତୁ ନିର୍ମାଣାଧୀନ ରହିଛି। ବିଭାଗୀୟ ରିପୋର୍ଟ ଅନୁସାରେ ଏଥିପାଇଁ ୫.୦୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଚୁକ୍ତି ଅନୁସାରେ ୭।୨।୨୦୨୦ରୁ ଏହି ବ୍ରିଜ କାମ


ଅର୍ଦ୍ଧ ନିର୍ମିତ ବିଜୁ ସେତୁ।

ଆରମ୍ଭ ହୋଇଥିବାବେଳେ ୬।୮।୨୦୨୧ ତାରିଖ ସୁଦ୍ଧା ଶେଷ ହେବା କଥା। କିନ୍ତୁ ଏଯାଏ ମାତ୍ର ୨ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ମାତ୍ର ୪୭.୮୫% କାମ ଶେଷ ହୋଇଛି। ଏହି ବ୍ରିଜ କାମର ଅଗ୍ରଗତି ଅତି ନୈରାଶ୍ୟଜନକ ବୋଲି ଦର୍ଶାଇ ବିଭାଗ ପକ୍ଷରୁ ୫ ଥର ନୋଟିସ ଜାରି କରାଯାଇଛି। ତେବେ ଗତ ୯ ତାରିଖରେ ସଂପୃକ୍ତ ଠିକାସଂସ୍ଥା ଭୁବନେଶ୍ୱରୀ କନଷ୍ଟ୍ରକ୍ସନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉକ୍ତ ନୋଟିସରେ ପୂର୍ବରୁ ରହିଥିବା ଜମି ବିବାଦର ସମାଧାନ ହୋଇ ସାରିଛି ବୋଲି କୁହାଯାଇଛି। ଏହାସହ ଇଲେକ୍ଟ୍ରିକ ଲାଇନ ଦୀର୍ଘ ସମୟ ହେଲା ସ୍ଥାନାନ୍ତର ହୋଇ

**ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ**
- ବ୍ରିଜ୍, ରାସ୍ତା କାମ ଜାଣିଶୁଣି ବିଳମ୍ବ
- ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି

ସାରିଛି। ଏପରିକି ଲକ୍‌ଡାଉନ ସମୟରେ ରାଜ୍ୟ ସରକାର ଉନ୍ନୟନ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥିଲେ। ତେଣୁ ଅତି ମନ୍ଥର ଗତିରେ ହେଉଥିବା କାମକୁ ଆଦୌ ସମର୍ଥନ କରାଯାଇ ପାରିବ ନାହିଁ। ତେଣୁ ପ୍ରକଳ୍ପର ପରିବର୍ତ୍ତିତ କାର୍ଯ୍ୟକ୍ରମ ସହ ଏକ ଆବେଦନପତ୍ର ଦେବାକୁ ବିଭାଗ ପକ୍ଷରୁ ସଂପୃକ୍ତ ଠିକାସଂସ୍ଥାକୁ ନିର୍ଦ୍ଦେଶ ହୋଇଛି। ଏହାସହ ପୂର୍ବ ନିଷ୍ପତ୍ତି ଅନୁସାରେ ଆସନ୍ତା ୩୦।୬।୨୦୨୨ ସୁଦ୍ଧା ବ୍ରିଜ କାମ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଲେ ବର୍ଦ୍ଧିତ ଦର ସହ ପରିବର୍ତ୍ତିତ କାର୍ଯ୍ୟକ୍ରମ ହେବା ନିଶ୍ଚିତ। ଏଭଳି ଭାବେ ପ୍ରକଳ୍ପ ନିର୍ମାଣ ନ କରି ଦିନ ଘୁଞ୍ଚାଇ ବର୍ଦ୍ଧିତ ଦର (ପ୍ରାଇସ୍ ଏସକେଲେଶନ) ନାମରେ ରାଜ୍ୟ ରାଜକୋଷରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଅଯଥାରେ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହି ଡିଭିଜନ ଅଧୀନ ବିରୁପା ନଦୀ ଉପରେ ବାହୁଜଙ୍ଗ-ଧାଉଡିଆପଦା ଏବଂ ସାନଗେଙ୍ଗୁଟି ନଦୀ ଉପରେ ଏନଏଚ-୫ ରୁ ଶକୁନ୍ତଳାପୁର ରାସ୍ତାରେ ହାଇଲେବୁଲ ବ୍ରିଜ ନିର୍ମାଣ ନାମରେ ବର୍ଦ୍ଧିତ ଦର ବିଲ ଦାଖଲ ହୋଇଥିଲା। ଏହି ଦୁଇ ପ୍ରକଳ୍ପର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଧାରିତ ଅବଧି ସମୟ ଅତିକ୍ରାନ୍ତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ ନ କରି ଦରବୃଦ୍ଧି ନାମରେ ୧ କୋଟି ୬୧ ଲକ୍ଷ ୩୯ ହଜାର ୮୭୯ ଟଙ୍କା ପ୍ରଦାନ କରିବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଆବେଦନ ହୋଇଥିଲା। ଏହା ଏକ ଉଦାହରଣ ମାତ୍ର ହୋଇଥିବାବେଳେ ଏଭଳି ଅନେକ ପ୍ରକଳ୍ପ ନାମରେ ବର୍ଦ୍ଧିତ ଦର ଆବେଦନ କରି ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀ ମାଲାମାଲ ହେଉଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡିଙ୍କୁ ପଚାରିବାରେ ସେ କହିଛନ୍ତି, ସାନଗେଙ୍ଗୁଟି ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ଅନେକ ବିବାଦ ରହିଥିଲା। ନିକଟରେ ସେହିସବୁର ସମାଧାନ ହୋଇଛି। ତେବେ ସଂପୃକ୍ତ ଠିକାସଂସ୍ଥାକୁ ମନ୍ଥର କାମ ଯୋଗୁ ତାଗିଦ କରାଯାଇଛି। ବର୍ଦ୍ଧିତ ଦର ସରକାରଙ୍କ ଆଇନ ଅନୁସାରେ କରାଯାଉଛି। ଏଥିରେ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ।

## ମଧୁପୁର ଉଚ୍ଚ ବିଦ୍ୟାଳୟରୁ ଚୋରି, ପୋଲିସର ତନାଘନା

**ରସୁଲପୁର,୧୧।୫(ଡି.ଏନ.ଏ.)**

କୁଆଖିଆ ଥାନା କଲଣ ପଞ୍ଚାୟତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଏନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏସ୍‌ଆଇ ଭାଗବତ ମହାଳି ତଦନ୍ତ ଆରମ୍ଭ କରିଛନ୍ତି। ଯାଜପୁର ସାଇଣ୍ଟିଫିକ୍ ଟିମ୍ ଓ କଟକରୁ ସନ୍ଧାନୀ କୁକୁର ସହାୟତାରେ ତନାଘନା କରାଯାଇଛି। ତେବେ ଚୋରି ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ଶିକ୍ଷକଙ୍କ ମଧ୍ୟରେ ଥିବା ଗୋଷ୍ଠୀ ବିବାଦ ଏହାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ଅଭିଯୋଗ ଅନୁସାରେ, ବିଦ୍ୟାଳୟ ଉପର ମହଲାରେ କାର୍ଯ୍ୟାଳୟ ରହିଛି। ଉପର ମହଲାକୁ ଯିବା ବାଟରେ ଥିବା ଗ୍ରିଲ୍ ତାଲା ଓ ଅଫିସ ତାଲା ଭାଙ୍ଗି ଦୁର୍ବୃତ୍ତ ଆର୍‌ଟିଆଇ ଫାଇଲ, ପ୍ରଧାନଶିକ୍ଷକଙ୍କ ଚାର୍ଜଲିଷ୍ଟ ଫାଇଲ, ସିସି କ୍ୟାମେରାର ହାର୍ଡ ଡିସ୍କ ଆଦି ଚୋରି କରି ନେଇଛନ୍ତି। ମାଟ୍ରିକ ପରୀକ୍ଷା ସମୟରେ ବୋର୍ଡ ପକ୍ଷରୁ ବିଦ୍ୟାଳୟରେ ସିସି କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଅନେକ ତଥ୍ୟ ଡିସ୍କରେ ରହିଥିଲା। ଏଥିସହ ହିନ୍ଦୀ ଶିକ୍ଷକ ମାନସ ପଣ୍ଡାଙ୍କ ଇନକ୍ରିମେଣ୍ଟ ହେଉ ନ ଥିଲା। ତାଙ୍କ କାମକୁ ବିଭିନ୍ନ ଆଳରେ ବିଳମ୍ବ କରାଯାଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଟାଳଟୁଳ ନୀତିରେ ଶିକ୍ଷକ ପଣ୍ଡା ଅସନ୍ତୋଷବ୍ୟକ୍ତ କରିଥିଲେ। ତାଙ୍କ ସ୍ତ୍ରୀ ବିଦ୍ୟାଳୟରୁ କେତେକ ତଥ୍ୟ ହାସଲ କରିବା ପାଇଁ ଆର୍‌ଟିଆଇ ସୂଚନା ମାଗିଥିଲେ। ତେବେ ଏହି ଘଟଣା ପରେ ବିଦ୍ୟାଳୟରୁ ଫାଇଲ ଏବଂ ଆରଟିଆଇ ଫାଇଲ ଚୋରି ହେବା ସହ ପରୀକ୍ଷା ବେଳେ କେନ୍ଦ୍ରରେ ହୋଇଥିବା ଅନିୟମିତତା ସମ୍ପର୍କରେ ତଥ୍ୟ ପ୍ରଘଟ ହେବା ଘଟଣା ଭୟ ଚୋରି ପଛର କାରଣ ବୋଲି ସନ୍ଦେହ କରାଯାଉଛି। ତେବେ ଶିକ୍ଷକଙ୍କ ମଧ୍ୟରେ ଲାଗିଥିବା ଗୋଷ୍ଠୀ ବିବାଦ ତଦନ୍ତ ପରିସରଭୁକ୍ତ କରାଗଲେ ଚୋରି ସମ୍ପର୍କରେ ସୁରାକ ମିଳିପାରିବ ବୋଲି କୁହାଯାଉଛି। ଏବେ ପୋଲିସ ତଦନ୍ତ ବେଳେ କେଉଁ ସବୁ ଦିଗପ୍ରତି ଧ୍ୟାନ ଦେଉଛି ତାହା ଦେଖିବାକୁ ଅପେକ୍ଷା। ଘଟଣା ସମ୍ପର୍କରେ ଥାନାରେ ଏକ ମାମଲା ନଂ.୧୬୦/୨୨ ରୁଜୁ ହୋଇଛି। ତେବେ ବିଦ୍ୟାଳୟରେ ରହିଥିବା ଗୋଷ୍ଠୀ ବିବାଦ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଫ୍ଲାଏଓଭର ସଂଯୋଗୀକରଣ ରାସ୍ତା ନିର୍ମାଣରେ ବିଳମ୍ବ


ଫ୍ଲାଏ ଓଭର ସଂଯୋଗୀକରଣ ରାସ୍ତା କାମ ଅଧାପନ୍ତରିଆ ହୋଇ ରହିଛି।

**ଧର୍ମଶାଳା,୧୧।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଜାରକା ଛକରେ ନିର୍ମାଣାଧୀନ ଫ୍ଲାଏ ଓଭରର ସଂଯୋଗୀକରଣ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୪ ବର୍ଷ ହେଲା ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି। ଏକ ବାହାର ରାଜ୍ୟର ଠିକା ସଂସ୍ଥା ଏହି କାମ କରୁଛି। ତେବେ ରାସ୍ତା ପ୍ରଶସ୍ତୀକରଣ ସମୟରେ ଜାରକା ଛକର ଗୁରୁତ୍ୱକୁ ଦେଖି ଏଠାରେ ଏକ ଫ୍ଲାଏ ଓଭର ନିର୍ମାଣ କରିବାକୁ ବିଭିନ୍ନ ବଜାର କମିଟି ଓ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଥିଲେ। ଏଥିସହିତ ଠିକା ସଂସ୍ଥା ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଏଠାରେ ଫ୍ଲାଏ ଓଭର ନିର୍ମାଣ ପାଇଁ ଅନୁମତି ମିଳିଥିଲା। ଫଳରେ ଉକ୍ତ ଠିକା

- ବଢୁଛି ଜନ ଅସନ୍ତୋଷ
- ଶୀଘ୍ର କାର୍ଯ୍ୟ ସାରିବାକୁ ଦାବି

ସଂସ୍ଥା ପକ୍ଷରୁ ୨ବର୍ଷ ତଳେ ମୁଖ୍ୟ ରାସ୍ତାକୁ ଖୋଳାଯାଇ ଫ୍ଲାଏ ଓଭର ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ଏହାଦ୍ୱାରା ମୁଖ୍ୟରାସ୍ତା ଦେଇ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ଫଳରେ ବାଇପାସ୍ ରାସ୍ତା ଦେଇ ଯାତାୟାତ ଆରମ୍ଭ ହୋଇଥିଲା। ତେବେ ଦେଢ଼ ବର୍ଷ ମଧ୍ୟରେ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟଶେଷ ହୋଇଥିଲେ ମଧ୍ୟ ଏହାକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ବିଳମ୍ବ ଘଟୁଛି। ଠିକା ସଂସ୍ଥା ନିଜ ମନମାନିରେ କାମ କରୁଛି। ଏପରି କି ଦୀର୍ଘ ଏକ ମାସ ହେବ ସଂସ୍ଥା କାମ ବନ୍ଦ କରି ରଖିଛି। ଫଳରେ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ମାତ୍ର ଏହା ସତ୍ତ୍ୱେ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାର ଅଧିକାରୀଙ୍କୁ ତାଗିଦ କରାଯାଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଦୀର୍ଘ ୨ ବର୍ଷ ହେଲା ଏଠାରେ ରାସ୍ତା କାମ ଚାଲିଥିବାରୁ ଗାଡ଼ିଗୁଡ଼ିକ ବାଇପାସ୍ ରାସ୍ତା ଦେଇ ଯାତାୟାତ କରୁଛି। ୧୬ ନମ୍ବର ଜାତୀୟ ରାଜପଥ ସର୍ବାଧିକ ବ୍ୟସ୍ତବହୁଳ ହୋଇଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ହାଲୁକା ଓ ଭାରିଯାନ ଯାତାୟାତ କରୁଛି। ବଜାର ଅଞ୍ଚଳ ଦେଇ ଦ୍ରୁତ ଗତିରେ ଗାଡ଼ିଗୁଡ଼ିକ ଚଳାଚଳ କରିବା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି, ଯାହାକୁ ନେଇ ସ୍ଥାନୀୟ ବଜାର କମିଟି ଓ ଜନସାଧାରଣଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି। ବର୍ଷାଋତୁ ପୂର୍ବରୁ ଏହି କାମ ସାରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ କାର୍ଯ୍ୟ ବିଳମ୍ବ ସମ୍ପର୍କରେ ପ୍ରତିକ୍ରିୟା ନେବା ଲାଗି ସମ୍ପୃକ୍ତ ଠିକା ସଂସ୍ଥାର ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ଅଭିଯୋଗ

**ବରୀ,୧୧।୫(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ଅଙ୍ଗାଲୋ ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ର-୨ର ସହକର୍ମୀ ଇନ୍ଦୁମତି ରାୟ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। ଏନେଇ ଯାଜପୁର ଜିଲାପାଳ ଏବଂ ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏତଦ୍‌ବ୍ୟତୀତ ଇନ୍ଦୁମତି ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ୫୦୦ ଟଙ୍କା ଭତ୍ତା ପାଉଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଇନ୍ଦୁଲତା ବୟସାଧିକ ମହିଳା ହୋଇଥିଲେ ମଧ୍ୟ ସରକାରୀ ନିୟମ ଉଲ୍ଲଂଘନ କରି ଅଦ୍ୟାବଧି ଦାୟିତ୍ୱରେ ରହିଛନ୍ତି। ଯାହା, ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଅଭିଯୋଗକାରୀ ଶରତ ଚନ୍ଦ୍ର ସାମଲ, ଉପେନ୍ଦ୍ର ଦାସ, ବୈଷ୍ଣବ ସାମଲ, ନିରୋଦ ସାମଲ, ଆରତି ସାମଲ, ସଦାସିବ ସାହାଣୀ ପ୍ରମୁଖ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ତେଣୁ ଏସବୁର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀମାନେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏସମ୍ପର୍କରେ ସହକର୍ମୀ ଇନ୍ଦୁମତିଙ୍କୁ ପଚାରିବାରେ ସେ କହିଛନ୍ତି, ଜାଲ୍ ସାର୍ଟିଫିକେଟ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତେବେ ବିଧବା ଭାବେ ତାଙ୍କୁ ୫୦୦ ଟଙ୍କା ଭତ୍ତା ମିଳୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ମେସ୍କୋ କାରଖାନା ପୁନଃ କାର୍ଯ୍ୟକ୍ଷମ ନେଇ ଆଲୋଚନା

**କଳିଙ୍ଗନଗର,୧୧।୫(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ୍ ପ୍ଲାଣ୍ଟକୁ ପୁନର୍ବାର ଚାଲୁ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ସୁକିନ୍ଦା ବିଧାୟକ ତଥା କଳିଙ୍ଗନଗର ମଜଦୁର ୟୁନିୟନ ସଭାପତି ପ୍ରୀତିରଞ୍ଜନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଦାନଗଦିସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ-କର୍ମଚାରୀଙ୍କ ୨୭ ମାସର ବକେୟା ଦରମା ପ୍ରଦାନ ସଂକ୍ରାନ୍ତରେ ଆଲୋଚନା ହୋଇଛି। ବୈଠକରେ ମେସ୍କୋ ଷ୍ଟିଲ୍‌ର ଚେୟାରମ୍ୟାନ ରୀତା ସିଂଙ୍କୁ ଶ୍ରମିକ ସଂଘ ଦାବି କରିଛି ଯେ, କାରଖାନା ଚଳାଯାଉ। କିନ୍ତୁ କାରଖାନା ଚାଲିବାର କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନ ଦେଇ କେବଳ ରେଲୱେ


ବିଧାୟକଙ୍କ ସହ ମେସ୍କୋ ଷ୍ଟିଲ୍ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି।

ସାଇଡିଂ ଚଳାଇବା ପାଇଁ ଯୋଜନା କରିବା ଓ ଏଥିରେ ଶ୍ରମିକ ସହଯୋଗ କରିବାକୁ ମେସ୍କୋ କର୍ତ୍ତୃପକ୍ଷ ପ୍ରସ୍ତାବ ଦେଇଛନ୍ତି। କାର୍ଯ୍ୟ କରିବାକୁ ଇଚ୍ଛୁକ ପ୍ରାୟ ୫୦୦ କର୍ମଚାରୀ କାରଖାନା ଚଳାଇବାକୁ କହିଥିଲେ ମଧ୍ୟ ମେସ୍କୋ କର୍ତ୍ତୃପକ୍ଷ ରେଲୱେ ସାଇଡିଂ ଚଳାଇବା ଜିଦରେ ଅଡି ବସିଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନ (କେଏନ୍‌ଏମ୍‌ଏସ୍)ର ସାଧାରଣ ସମ୍ପାଦକ ଆଖ୍ତାର ଅହମ୍ମଦ ଖାଁ, କେଏନ୍‌ଏମ୍‌ଏସ୍‌ର ମସ୍କୋ ଶାଖାର ସଭାପତି ମହମ୍ମଦ ଜାହିଦ, ପ୍ରଦୀପ ମହାନ୍ତି ମେସ୍କୋ ଅଧିକାରୀଙ୍କ ଏକପାଖିଆ ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି। ଫଳରେ ଆଲୋଚନା ବିଫଳ ହୋଇଛି। ଏହାକୁ ନେଇ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଥିବା ଦେଖାଯାଇଛି।

# ପାନୀୟ ଜଳ ସମସ୍ୟା ନେଇ ଜନପ୍ରତିନିଧିଙ୍କ ହୋହଲ୍ଲା

**ଚଣ୍ଡିଖୋଲ,୧୧।୫(ଡି.ଏନ.ଏ.)**

ବଡ଼ଚଣା ପଞ୍ଚାୟତ ସମିତିର ପ୍ରଥମ ବୈଠକ ଅଧ୍ୟକ୍ଷା ମିନତି ସେନାପତିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନ ପ୍ରତିନିଧିମାନେ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହେଉଥିବାରୁ ସେମାନେ ଜନସାଧାରଣଙ୍କ ନିକଟରେ ଉତ୍ତର ଦାୟୀ ରହୁଛନ୍ତି। ତେଣୁ ସରକାରୀ ଅଧିକାରୀମାନେ ସେମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ପଞ୍ଚାୟତର ବିକାଶକ୍ଷେତ୍ରରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଶୀଘ୍ର ପଞ୍ଚାୟତ ପ୍ରତିନିଧିଙ୍କ ନିମନ୍ତେ ବ୍ଲକ ପରିସରରେ ଏକ ନୂତନ ସଭାଗୃହ ଓ ବିଶ୍ରାମସ୍ଥଳୀ ନିର୍ମାଣ କରାଯିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ବୈଠକରେ ପାନୀୟ ଜଳ, କୃଷି ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ପାଇଁ ନିର୍ଦ୍ଧାରଣ କରାଯାଇଥିବାବେଳେ ପ୍ରାରମ୍ଭରେ ପାନୀୟଜଳ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବହୁ ପଞ୍ଚାୟତରେ


ବୈଠକରେ ଉପସ୍ଥିତ ଅତିଥି, ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

ନଳକୂପ ନ ଥିବା, ବସୁଧା ଯୋଜନାରେ ହୋଇଥିବା ପ୍ରକଳ୍ପଗୁଡ଼ିକ ଅଚଳ ରହିବା, ବୋର୍‌ୱେଲ ଆଦୌ କାମ ନ କରିବା ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ହୋହଲ୍ଲା କରିଥିଲେ। ଦର୍ପଣ ସରପଞ୍ଚ ରଞ୍ଜନ ଦାସ, ଭୂଷଣ୍ଡପୁରର ଯଯାତି କେଶରୀ ରାଉତ, ବାଲିପଡ଼ିଆ ସରପଞ୍ଚ କିଶୋର ବେହୁରା, ପାରିଆ ସରପଞ୍ଚ ବେଣୁଧର ବିଶ୍ୱାଳ ପ୍ରମୁଖ ପାନୀୟଜଳ ସମସ୍ୟାକୁ ନେଇ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ମହାରଣାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସରକାରଙ୍କ ତରଫରୁ ପାନୀୟ ଜଳ

### ବଡ଼ଚଣା ପଞ୍ଚାୟତ ସମିତିର ପ୍ରଥମ ବୈଠକ

ଯୋଗାଣ ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ବିଭାଗ ତରଫରୁ କାର୍ଯ୍ୟର ତଦାରଖ ନ ହେବା ଯୋଗୁ ସମସ୍ତ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ ସାଧାରଣ ଲୋକେ ପାନୀୟଜଳ ପାଇଁ ହୀନସ୍ତା ହେଉଥିବା ବେଳେ ବିଭାଗୀୟ କର୍ମଚାରୀ ପ୍ରକଳ୍ପ ତଦାରଖ କରୁନାହାନ୍ତି କିମ୍ବା ମରାମତି କରୁନାହାନ୍ତି। ଏପରି କି ବିଭାଗ ତରଫରୁ କେବଳ କାଗଜକଲମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ଦର୍ଶାଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ସେହିଭଳି କୃଷି ଉପରେ ଆଲୋଚନା କରି ଧାନ ଓ ନଳିତା ବିହନ କିପରି ଚାଷୀଙ୍କୁ ମିଳିପାରିବ ସେଥିନେଇ ଆଲୋଚନା କରାଯିବା ସହ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜନ ପ୍ରତିନିଧି ମତ ରଖିଥିଲେ। ୫-ଟି ବିଦ୍ୟାଳୟ ରୂପାନ୍ତର ଯୋଜନାରେ ପାଞ୍ଚଟି ବିଦ୍ୟାଳୟର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ୨୮ ବିଦ୍ୟାଳୟ କାର୍ଯ୍ୟ ଚାଲୁରହିଛି। ତେବେ ଏହି କାର୍ଯ୍ୟରେ ଅନିୟମିତତା ଦେଖାଦେଉଥିବା ନେଇ ଅଭିଯୋଗ ହୋଇଥିଲା।

ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ସେଠୀ ଏଦିଗରେ ଦୃଷ୍ଟିଦେବାକୁ କହିବା ସହ ଜୁନ ୩୦ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗତ ବର୍ଷ ୧୧୦୦ କୁଇଣ୍ଟାଲ ଧାନ ବିହନ ବ୍ଲକକୁ ଆସିଥିବା ବେଳେ ଚଳିତ ବର୍ଷ ୩ ହଜାର କୁଇଣ୍ଟାଲ ବିହନ ମଗାଯାଇଛି। ୧୪ ସମବାୟ ସମିତି ଓ ୮ ବେସରକାରୀ ଡିଲରଙ୍କ ଜରିଆରେ ଚାଷୀଙ୍କୁ ବିହନ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ର ସୂଚନା ଦେଇଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପରେ ମନ୍ଥରତା ଓ ପାନୀୟ ଜଳ ସମସ୍ୟା ନେଇ କରାଯାଇଥିବା ଆଲୋଚନାରେ ପ୍ରତ୍ୟେକ ପଞ୍ଚାୟତ ତରଫରୁ ଜୁନ ୧୫ ପର୍ଯ୍ୟନ୍ତ ଯେଉଁ ସ୍ଥାନରେ ପାଣି ଅଭାବ ରହିଛି ସେଠାକୁ ପଞ୍ଚାୟତ ପ୍ରତିନିଧି ଜଳ ଯୋଗାଣ କରିବାକୁ ବିଧାୟକ ଶତପଥୀ ପରାମର୍ଶ ଦେଇଥିଲେ। ବିଡିଓ ଅଜିତ ନାରାୟଣ ଗିରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ ସଭା ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସସ୍ମିତା ମହାନ୍ତି, ଯତୀନ୍ଦ୍ର ନାୟକ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ଅନୁପମା ବଳ, ଅଞ୍ଜୁଲତା ସ୍ୱାଇଁ, ସାଗରିକା ଚୌଧୁରୀ, ସମିତିସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଭିନ୍ନ ବିଭାଗ ଅଧିକାରୀ ମାନେ ଯୋଗଦେଇ ଥିବା ବେଳେ ବିଧାୟକ ଶତପଥୀ ସମସ୍ତ ନବନିର୍ବାଚିତ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ମେ, ୨୦୨୨



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ,୧୧ା୫:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଗୋବିନ୍ଦାପୋଖରୀ ଗାଁ ପୋଖରୀରେ ବୁଧବାର ଜଣେ ଛାତ୍ର ଗାଧୋଉ ଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ନୃସିଂହ ମିଶ୍ରଙ୍କ ପୁଅ ସୂର୍ଯ୍ୟକାନ୍ତ ମିଶ୍ର (୨୧)। ସୂର୍ଯ୍ୟକାନ୍ତ ପୁନଙ୍ଗସ୍ଥିତ କଲେଜରେ ପାଠ ପଢୁଥିଲେ। ଅତୀତରେ ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ ଭାଙ୍ଗି ଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ଅସହ୍ୟ ଗ୍ରୀଷ୍ମରେ ବିଦ୍ୟୁତ୍ କାଟ: ଲୋକେ ହନ୍ତସନ୍ତ

**ରଘୁନାଥପୁର,୧୧ା୫(ଡି.ଏନ.ଏ.):** ଅସହ୍ୟ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ସରବରାହ ପ୍ରତି ସଚେତନ ରହିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ରଘୁନାଥପୁର ଟିପିସିଓଡିଏଲ କାର୍ଯ୍ୟାଳୟ ପକ୍ଷରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ପ୍ରବଳ ଗରମରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରି କି ସକାଳେ, ଖରାବେଳେ ଓ ରାତିରେ ମନଇଚ୍ଛା ବିଦ୍ୟୁତ୍ କାଟ କରି ସମ୍ପୃକ୍ତ ବିଭାଗ ବିଦ୍ୟୁତ୍ ବଞ୍ଚାଉଛି ବୋଲି ଅଭିଯୋଗ ହେଉଛି। ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରିଲେ ୩୩ କେଭି ଖରାପ ଆମେ କ'ଣ କରିବୁ ବୋଲି ଉତ୍ତର ମିଳୁଛି। ଯାହାକୁ ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଆସ୍ଥା ତୁଟି ଯାଉଛି। ଏପ୍ରିଲ ୨୮ରେ ଏଭଳି ବିଦ୍ୟୁତ୍ କାଟ ସମସ୍ୟା ନେଇ ରଘୁନାଥପୁର ମଣ୍ଡଳ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିପ୍ରତି ଯତ୍ନବାନ ହେବେ ବୋଲି ଏସଡିଓ ବିଶ୍ୱରଞ୍ଜନ ଦେହୁରୀ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ବିଦ୍ୟୁତ୍ କାଟ ସମସ୍ୟା ଦ୍ୱିଗୁଣିତ ହୋଇଛି। ଛୋଟପିଲା, ବୟସ୍କ ବ୍ୟକ୍ତି, ରୋଗୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଲାଇନ ନ ଥିବାବେଳେ ଗରମରେ ଆଉଟପାଉଟ ହେଉଛନ୍ତି। ଏପରି କି ବିଦ୍ୟୁତ୍ କଟିବା ସମ୍ପର୍କରେ କର୍ମଚାରୀଙ୍କୁ ପଚାରିବା ପାଇଁ ଫୋନ କଲେ ଅଧିକାଂଶ ସମୟରେ ଫୋନ ବନ୍ଦ ରହୁଛି। ଉପଭୋକ୍ତାଙ୍କ ମନରେ ସୃଷ୍ଟି ହେଉଥିବା କ୍ଷୋଭ ସେମାନଙ୍କୁ ଏକତ୍ରିତ କରିବାର ସୁଯୋଗ ଦେଉଛି। ଆଗାମୀଦିନରେ ଏହି ସମସ୍ୟା ପାଇଁ ଏକ ଆନ୍ଦୋଳନ ନିମନ୍ତେ ସୁଯୋଗ ସୃଷ୍ଟି କରିଛି ବୋଲି ମଣ୍ଡଳ ଉପଭୋକ୍ତା ସଂଘର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ଦେହୁରୀଙ୍କୁ ପଚାରିବାରେ ୩୩ କେଭି ଲାଇନରେ ଆଉ ସେପରି ସମସ୍ୟା ନାହିଁ। ତେବେ ଯନ୍ତ୍ରୀଙ୍କ ଅଧୀନରେ ଥିବା ଏଲ୍‌ଟି ଲାଇନରେ କୌଣସି ସମସ୍ୟା ଯୋଗୁ ଏପରି ଘଟୁଥିବା। ଏହାର ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ

**କେନ୍ଦ୍ରାପଡ଼ା ଅଫିସ,୧୧ା୫**

- ପାନୀୟ ଜଳର ବ୍ୟବସ୍ଥା ନାହିଁ
- ଜେନେରେଟର, ଲାଇଫ୍ ଜ୍ୟାକେଟ୍ ସୁବିଧା ନାହିଁ
- ଆଶ୍ରୟସ୍ଥଳରେ ରହିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବିପନ୍ନ

କେନ୍ଦ୍ରାପଡ଼ା ଜିଲାରେ ସାମୁଦ୍ରିକ ଝଡ଼ ଅସାନିର ପ୍ରଭାବ ନାହିଁ। ଏହି ବିପଦ ଟଳିଛି। ତେବେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସୁନାମୀ, ସାମୁଦ୍ରିକ ଝଡ଼ ସହିତ ବନ୍ୟା ଭୟ ରହିଛି। ପ୍ରତିବର୍ଷ ଜିଲାରେ ପ୍ରବାହିତ ନଦୀରେ ବନ୍ୟା ଆସି ୫୫ଟି ପଞ୍ଚାୟତରେ ଉତ୍କଟ ପରିସ୍ଥିତି ସୃଷ୍ଟି କରୁଛି। ବନ୍ୟା ବାତ୍ୟା ସମୟରେ ଜିଲା ପ୍ରଶାସନ ସ୍ଥାନୀୟ ଅଧିବାସୀଙ୍କ ସ୍ଥାନାନ୍ତରକୁ ଗୁରୁତ୍ୱ ଦେଉଛନ୍ତି । ତେବେ ଜିଲାରେ ଥିବା ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳରେ ଅବ୍ୟବସ୍ଥା ଲାଗି ରହିଛି । ପ୍ରତି ଆଶୟସ୍ଥଳୀ ପାଇଁ ଜେନେରେଟର, ଲାଇଫ୍ ଜ୍ୟାକେଟ, ଆସ୍କାଲାଇଟ୍, କଟର, ସାଇରନ, ମେଗାଫୋନ, ସୋଲାର ଲାଇଟ୍, ବେସ୍ ଲାଇଟ୍, ସର୍ଚ୍ଚ ଲାଇଟ୍, ଫାୟାର ଏକ୍ସଟିଙ୍ଗୁଇସର ବ୍ୟବସ୍ଥା ଥିବା ବେଳେ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀରେ ଅଦ୍ୟାବଧି ଉପରୋକ୍ତ ସାମଗ୍ରୀ ପହଞ୍ଚି ନାହିଁ । ସେହିପରି ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ସ୍ଥାନାନ୍ତରିତ ଲୋକମାନେ ରହିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ।

ଏସମ୍ପର୍କରେ ମହାକାଳପଡ଼ାର ସାମାଜିକ କର୍ମୀ ସୁନିଲ କୁମାର ଗନ୍ତାୟତ କହିଛନ୍ତି, ଅଳ୍ପ ଦିନ ମଧ୍ୟରେ ରାଜ୍ୟରେ ଚଳିତ ବର୍ଷର ପ୍ରଥମ ମୌସୁମୀ ବର୍ଷା ଆରମ୍ଭ ହେବ । ବର୍ଷା ଅଧିକ ହେଲେ ଜିଲାରେ ପ୍ରବାହିତ ଲୁଣ, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା, ବ୍ରାହ୍ମଣୀ, ଗୋବରୀ ନଦୀ ଆଦି ନଦୀର ଜଳସ୍ତର ବୃଦ୍ଧି ପାଇବ। ଫଳରେ ଶେଷ ମୁଣ୍ଡରେ ନଦୀର ବନ୍ଧବାଡ଼ ନ ଥିବାରୁ ବନ୍ୟା ଜଳ ପ୍ରାୟ ୪୫୦ ଗ୍ରାମକୁ ପ୍ରଭାବିତ କରିବ । ଏସବୁ ସ୍ଥାନରେ ଆଶ୍ରୟସ୍ଥଳୀର ଆବଶ୍ୟକତା ଅଛି । ବରକନ୍ଦା ପଞ୍ଚାୟତ ତେନ୍ତୁଳିଖଣ୍ଡ, ପେଟଛେଲା ଆଶ୍ରୟସ୍ଥଳରେ ଦୀର୍ଘଦିନ ଧରି ଜେନେରେଟର ଖରାପ ହୋଇ ପଡ଼ିଛି। ଏଥିସହିତ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ବ୍ଲକ ଅଞ୍ଚଳର ଆଶ୍ରୟସ୍ଥଳ ମଧ୍ୟରୁ ପ୍ରାୟ ୫୦ ସ୍ଥାନରେ ଜେନେରଟର ସମସ୍ୟା ଅଛି । ସେହିପରି କେତେକରେ ଆବଶ୍ୟକ ସରଞ୍ଜାମ ଦେଖିବାକୁ ମିଳୁନାହିଁ । ବର୍ଷା ପୂର୍ବରୁ ଏସବୁର ମରାମତି ସହ ଭିତ୍ତିଭୂମୀ ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନ ସଜାଗ ରହିବାକୁ ସେ ମତ ଦେଇଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡ଼ା ସହରର ବିଜୟ କୁମାର ମଣ୍ଡଳ କହିଛନ୍ତି, ଶେଷ ଥର ପାଇଁ ୨୦୧୪ରେ ବଡ ଧରଣର ବନ୍ୟା ହୋଇଥିଲା । ଏଥିରେ ୧୪୧ ପଞ୍ଚାୟତ ସହ ପଟ୍ଟାମୁଣ୍ଡାଇର ୧୧ ୱାର୍ଡ ପ୍ରଭାବିତ ହୋଇଥିଲା । ଏହି ସମୟରେ ଅସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଲୋକମାନେ ଅନିଚ୍ଛା ପ୍ରକାଶ କରିଥିଲେ। ଆଶ୍ରୟସ୍ଥଳୀରେ ପାନୀୟ ଜଳ ଅଭାବ ଦେଖାଦେଇଥିଲା। ସେହିପରି ଫଟା କାନ୍ଥ, ଦୋହଲୁଥିବା ଘର ଜୀବନହାନୀର ଆଶଙ୍କା ଅଛି। ଉପାନ୍ତ ଅଞ୍ଚଳରେ ଏହା ଅଧିକ ବିପଦଜନକ ବୋଲି ସେ ମତ ଦେଇଛନ୍ତି। ଡେରାବିଶ ବ୍ଲକ ଧିରେନ୍ଦ୍ର କୁମାର ଜେନା କୁହନ୍ତି, କରାଣ୍ଡିଆ ନଦୀ ଆମ ପାଇଁ ସର୍ବଦା ବିପଦ ସାଜିଛି । ନଦୀରେ ବନ୍ୟା ଆସିଲେ ଆଶ୍ରୟସ୍ଥଳ ଖୋଜା ପଡେ । ତେବେ ଏଠାରେ ଥିବା ଆଶ୍ରୟସ୍ଥଳର କାନ୍ଥ ଫାଟିଯିବା ସହ ଛାତରୁ ଖଣ୍ଡ ଖଣ୍ଡ ପଲସ୍ତରା ଖସୁଛି । ରାଜନଗର ପାରୀନଗରର ସୁମନ୍ତ ଭୂୟାଁ କହିଛନ୍ତି, ଆଶ୍ରୟସ୍ଥଳକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ । ଏନ୍‌ସିଆର୍‌ଏମ୍‌ପି ପ୍ରକଳ୍ପରେ ନୂତନ ଆଶ୍ରୟସ୍ଥଳ ପାଇଁ ମଞ୍ଜୁରୀ ମିଳିଛି । ତେବେ ଗୃହ ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଳମ୍ବ କରୁଛି । ଡେରାବିଶର ସାମାଜିକ କର୍ମୀ ରଘୁନାଥ ଶତପଥୀ କହିଛନ୍ତି, ଜିଲା ପ୍ରଶାସନ ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ ସମ୍ପର୍କରେ ଅବଗତ ଅଛନ୍ତି । ତେବେ ଏହାର ନିରାକରଣ ହେଉନାହିଁ । ଜିଲା ଜରୁରୀକାଳୀନ ଅଧିକାରୀ ହେମଲତା ବାହାଲିଆ କହିଛନ୍ତି, ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଅପେକ୍ଷାକୃତ ଭଲ ଅଛି। ବନ୍ୟା ଅଥବା ବାତ୍ୟା ପରି ପ୍ରାକୃତିକ ବିପଦ ସମୟରେ ସୁରକ୍ଷା ପ୍ରଦାନ କରୁଛି। ତେବେ କେତେକ ସ୍ଥାନରେ ମରାମତି ଓ ଉପକରଣର ଆବଶ୍ୟକତା ଅଛି । ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ସମ୍ପର୍କରେ ତନଖି କରାଯାଇ ପ୍ରତିକାର ବ୍ୟବସ୍ଥା ଖୁବ୍ ଶୀଘ୍ର କରାଯିବ।


ମହାକାଳପଡ଼ା ବ୍ଲକ ଜଗତିଯୋରୀରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ।

## ଅକ୍ଷୟ ଖଟୁଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

**ଡେରାବିଶ, ୧୧ା୫(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସାମାଜିକ କର୍ମୀ ଅକ୍ଷୟ ଖଟୁଆଙ୍କର ପ୍ରଥମ ଶ୍ରଦ୍ଧ ବାର୍ଷିକ ଅବସରରେ ତିଲଙ୍ଗଠାରେ ବୁଧବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ସୁଧାକର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ମଣିଷ ପଣିଆର ପ୍ରତୀକ ଥିଲେ ଅକ୍ଷୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଖଗେଶ୍ୱର ନାୟକ, ଶାରଦା ପ୍ରସନ୍ନ ମିଶ୍ର, ଜ୍ଞାନ ରଞ୍ଜନ ସାହୁ, ହରେକୃଷ୍ଣ ମହାନ୍ତି, ପ୍ରମୋଦ କୁମାର ପ୍ରତାପ, ବିପିନ ବିହାରୀ ସାହୁ, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ମନୋରଞ୍ଜନ ଉପାଧ୍ୟାୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ, ବିରଞ୍ଚି କୁମାର ଖଟୁଆ, ବିପିନି ବିହାରୀ ଖଟୁଆ, ମାଧବାନନ୍ଦ ଖଟୁଆ, ବାପିନ୍ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବୁଲାଗୋରୁଙ୍କ କବ୍‌ଜାରେ କଟକ-ଚାନ୍ଦବାଲି ରାସ୍ତା


କଟକ- ଚାନ୍ଦବାଲି ରାସ୍ତାରେ ଗୋରୁ ବୁଲୁ ଥିବାରୁ ଯାନବାହନ ଚଳାଚଳରେ ବାଧା ଉପୁଜୁଛି।

**ଆଳି,୧୧ା୫(ଡି.ଏନ.ଏ.)**

କଟକ-ଚାନ୍ଦବାଲି ରାସ୍ତାର ବିଭିନ୍ନ ଛକ ଏବେ ବୁଲାଗୋରୁଙ୍କ କବ୍‌ଜାରେ। ଏହି ଛକ ସ୍ଥାନଗୁଡିକରେ ମାଲମାଲ ବୁଲାଗୋରୁଙ୍କ ଅବାଧ ଚଳପ୍ରଚଳ ଯୋଗୁ ଗାଡି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ପ୍ରବେଶପଥ ପତ୍ରପୁର ସେତୁ ନିକଟରୁ ଗଡ଼ଗଡି ସେତୁ ପର୍ଯ୍ୟନ୍ତ ରାସ୍ତାର ପତ୍ରପୁର, ସିଙ୍ଗିରିବଜାର, ଚଣ୍ଡୀବଜାର, ନିଆଳହାଟ, ଡାକବଙ୍ଗଳା ଛକ, ଆଳି ନୂଆବଜାର, ମିଲ୍ ବଜାର, ବାଲକାଟି ଛକ ଏବେ ମାଳମାଳ ବୁଲାଗୋରୁଙ୍କ ଯୋଗୁ ରାସ୍ତା ଜାମ ହୋଇଯାଉଛି। ବୁଲା ଗୋରୁ ବିଲରୁ ଚରିବୁଲି ସିଧାସଳଖ ରାଜରାସ୍ତାକୁ ଚାଲି ଆସୁଛନ୍ତି। ରାସ୍ତାରେ ଲଢେଇ କରି ବା ସହ ଶୋଇ ରହୁଛନ୍ତି। ଗୋରୁ ରାସ୍ତାରେ ଶୋଇ ରହୁଥିବାରୁ ଯାନବାହନ ଚଲାଇବା କଷ୍ଟକର ହୋଇପଡିଛି। ଏପରି କି ଅନେକ ଚାରିଚକିଆ ବାହନ ଅନେକ ସମୟ ଧରି ରାସ୍ତାରେ ଅଟକି ରହୁଛନ୍ତି।

ଏହି ରାସ୍ତାଟି ସବୁସମୟରେ ଚଳଚଞ୍ଚଳ ରହିଥାଏ। ଏହି ରାସ୍ତାରେ ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରିଥାଏ। ଦୁଇଚକିଆଠାରୁଆରମ୍ଭକରିମାଲବାହୀଗାଡି ଦୈନିକ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ବିଭିନ୍ନ ଛକରେ ବୁଲା ଗୋରୁଙ୍କ ଅବାଧ ଚଳପ୍ରଚଳ ଗାଡି ଚାଳକମାନଙ୍କ ପାଇଁ କାଳ ସାଜିଛି। କେତେବେଳେ ଗାଡି ଦୁର୍ଘଟଣାରେ ଗୋରୁ ଆହତ ହେଉଛନ୍ତି ତ କେତେବେଳେ ଗାଡି ଚାଳକ ଆହତ ହେଉଥିବା ଦେଖିବାକୁ ମିଳୁଛି। ହେଲେ ବ୍ଲକ ପ୍ରଶାସନ କି ପୋଲିସ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗୋରୁ ମାଲିକମାନେ ମଧ୍ୟ ସଚେତନ ହେଉନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସଚେତନତା ଓ କାଞ୍ଜିଆହୁଦା କରି ଗୋରୁଙ୍କୁ ଅଟକ ରଖାଗଲେ ମାଲିକମାନଙ୍କ ଚେତା ପଶିବ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ନର୍ସଙ୍କ ଘରୁ ଉଦ୍ଧାରହେଲା ନବଜାତ ଶିଶୁ କନ୍ୟା

**ଜଗତ୍‌ସିଂହପୁର ଅଫିସ,୧୧ା୫**

**ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**

- ଏସ୍‌ଏନ୍‌ସିୟୁରେ ଭର୍ତ୍ତି କଲା ସିଡବ୍ଲ୍ୟୁସି
- ମା' ନ ନେବାରୁ ବଢ଼ିଥିଲା ଅଡୁଆ

ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାଇଲୋ ନିକଟ ବେହେଡ଼ା ଗାଁର ପ୍ରତାପ ମହାନ୍ତିଙ୍କ ସ୍ତ୍ରୀ କଳ୍ପନା ଗତ ୯ ତାରିଖ ବିଳମ୍ବିତ ରାତିରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ଶିଶୁଟିକୁ ନେବାକୁ ରାଜି ହୋଇ ନ ଥିଲେ। ଏ ପରିସ୍ଥିତିରେ ଉପସ୍ଥିତ ଷ୍ଟାଫ ନର୍ସ ସାଗରିକା ଓଝା ଶିଶୁ କନ୍ୟାଟିକୁ ରଖିଥିଲେ। ପରେ ଚାଇଲ୍ଡ ଲାଇନ୍ ଖବର ପାଇ ୨ ଘଣ୍ଟା ପରେ ମଣିଜଙ୍ଗାରେ ପହଞ୍ଚି ଶିଶୁଟିକୁ ଉଦ୍ଧାର ପରେ ଜଗତ୍‌ସିଂହପୁର ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ରେ ହାଜର କରିଥିଲେ। ସିଡବ୍ଲ୍ୟୁସି ନିର୍ଦ୍ଦେଶରେ ଶିଶୁଟିକୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ବୁଧବାର ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଚାଇଲ୍ଡ ଲାଇନ୍ ପକ୍ଷରୁ କୁହାଯାଇଛି କଳ୍ପନାଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଅଧିକ ସନ୍ତାନ ଚାହୁଁ ନ ଥିଲେ। କିନ୍ତୁ କଳ୍ପନା ଗର୍ଭବତୀ ହେବାରୁ ପରିବାରରେ ଚିନ୍ତା ବଢ଼ିଯାଇଥିଲା। ୩ୟ ସନ୍ତାନ ଜନ୍ମ ପୂର୍ବରୁ ତାଙ୍କ ଭଉଣୀ ପିଲାଟିକୁ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିଶୁ କନ୍ୟା ଜନ୍ମ ପରେ କଳ୍ପନା ତାଙ୍କ ଭଉଣୀଙ୍କୁ ଫୋନ କରିଥିଲେ। କିନ୍ତୁ ସେ ଉଠାଇ ନ ଥିଲେ। ଏ ପରିସ୍ଥିତିରେ କନ୍ୟା ସନ୍ତାନଟିକୁ ନେବା ପାଇଁ ସେ ଚାହିଁ ନ ଥିଲେ। ନର୍ସ ସାଗରିକା ବୁଝାଶୁଝା କରିଥିଲେ ସୁଦ୍ଧା କଳ୍ପନା ରାସ୍ତା ପାର୍ଶ୍ୱରେ ଛାଡିଦେଇ ଯିବେ ବୋଲି କହିବାରୁ ପରିସ୍ଥିତି ବିଗିଡି ଯାଇଥିଲା। ସାଗରିକାଙ୍କ ଏକ ୨୧ ବର୍ଷର ପୁଅ ଅଛି। ଏହା ସତ୍ତ୍ୱେ ମେଡିକାଲ ଅଫିସରଙ୍କ ସହ କଥା ପରେ ବାଧ ହୋଇ ସେ ପିଲାଟିକୁ ରଖିଥିଲେ। ମେଡିକାଲ ଅଫିସର ଅନ୍ୟତ୍ର ଥିବାରୁ ପହଞ୍ଚିଲା ପରେ ପୋଲିସ ଓ ସିଡବ୍ଲ୍ୟୁସିକୁ ସୂଚନା ଦିଆଯିବ ବୋଲି କଥା ହୋଇଥିବା ନର୍ସ କହିଛନ୍ତି। ତେବେ କୌଣସି ପ୍ରକାରେ ଖବର ପାଇ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତାମାନେ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ନର୍ସ ସାଗରିକାଙ୍କ କ୍ୱାର୍ଟରରୁ ଶିଶୁଟିକୁ ଉଦ୍ଧାର କରିଥିଲେ। ତେବେ ବୁଧବାର କଳ୍ପନା ଶିଶୁ କନ୍ୟାଟିକୁ ନେବା ପାଇଁ ରାଜି ହୋଇଥିବା ଜଣାଯାଇଛି।

## ବିଦ୍ୟୁତ୍ ଶର୍ଟସର୍କିଟରୁ ୩ ବଖରା ଜଳିଗଲା

**ରାଜନଗର,୧୧ା୫(ଡି.ଏନ.ଏ.)**

ରାଜନଗର ବ୍ଲକ ବ୍ରାହ୍ମଣ ସାହି ପଞ୍ଚାୟତ ଗଜରାଜପୁରଗାଁରେ ମଙ୍ଗଳବାର ରାତିରେ ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡଘଟି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ଗଜରାଜପୁରର ଭୋଳା ଜେନା, ବାଳକୃଷ୍ଣ ଜେନା, କେଲୁ ଜେନାଙ୍କ ସମସ୍ତ ଆସବାବପତ୍ର, ଧାନ ଚାଉଳ ପୋଡ଼ି ଯାଇଛି। ପରିବାର ଲୋକେ ପିନ୍ଧିଥିବା ଲୁଗା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରି ପାରିନାହାନ୍ତି। ଖବରପାଇ ବ୍ରାହ୍ମଣସାହି ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦନ କୁମାର ଦାସ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପଞ୍ଚାୟତ ପକ୍ଷରୁ ୫ଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ବୁଧବାର କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ସମିତି ସଭ୍ୟ ରବିନ ମଲ୍ଲିକ, ପ୍ରଶାନ୍ତ ରାଉତ ପ୍ରମୁଖ ବିପନ୍ନଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ୧୦ମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

**ରାଜନଗର,୧୧ା୫(ଡି.ଏନ.ଏ.)**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ନଳିତା ପାଟିଆ ଗ୍ରାମର ବିକାଶ ଦଳାଇଙ୍କ ୧୦ମ ଶ୍ରେଣୀର ଝିଅ ପ୍ରୀତିକା (୧୪) ବୁଧବାର ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏ ସଂକ୍ରାନ୍ତରେ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି। ତାଳଚୁଆ ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୦୨୨) ରୁଜୁ କରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

# ଭୋଜିକୁ ଯାଇ ଫେରିଲେ ନାହିଁ ଅଭିମନ୍ୟୁ

**ରାଜନଗର,୧୧ା୫(ଡି.ଏନ.ଏ.)**

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ କହ୍ନୁଆଗାଁର ଅଭିମନ୍ୟୁ ପ୍ରଧାନ (୪୨) ଗତ ୨ ଦିନ ହେଲା ନିଖୋଜ ଅଛନ୍ତି। ଏ ନେଇ ଅଭିମନ୍ୟୁଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଗତ ସୋମବାର ରାତି ସାଢ଼େ ୧୦ଟାରେ ଅଭିମନ୍ୟୁ ଗାଁରେ ହେଉଥିବା ଏକ ଭୋଜି ଖାଇବାକୁ ଯାଇଥିଲେ। ସେଠାରୁ ସେ ଆଉ ଘରକୁ ଫେରି ନାହାନ୍ତି। ସେ ଘରୁ ଏକ ସ୍କୁଟି (ନଂ. ଓଡି଼୦୫ଏକ୍ୟୁ୭୦୪୦) ନେଇ ଯାଇଥିଲେ। ସେହି ଗାଡ଼ିର ପତ୍ତା ମିଳୁନାହିଁ। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଅଛି। ସମ୍ପର୍କୀୟଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ନିଖୋଜ ଅଭିମନ୍ୟୁଙ୍କ ୨ ଝିଅ ଅଛନ୍ତି।

## କାଣୀନଦୀରୁ ବେଆଇନ ବାଲି ଉଠାଣ

**ଆଳି, ୧୧ା୫(ଡି.ଏନ.ଏ.)**

କେନ୍ଦ୍ରପଡ଼ା ଜିଲା ଆଳିର ସୁରକ୍ଷା ବଳୟ ରିଙ୍ଗବନ୍ଧ ପାର୍ଶ୍ୱରେ ପ୍ରବାହିତ ଖରସ୍ରୋତାର ଶାଖା କାଣୀନଦୀରୁ ମାଫିଆମାନେ ବେଆଇନ ଭାବେ ବାଲି ଉଠାଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ବାଲି ଉଠାଣ ବନ୍ଦ କରିବାକୁ ଭୁଇଁପୁର ସରପଞ୍ଚ ରେଶମାରାଣୀ ପାତ୍ର ଆଳିର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ପଞ୍ଚାୟତର କେତେଜଣ ମୁଷ୍ଟିମେୟ ଲୋକ ନଦୀରୁ ବେଆଇନ ଭାବେ ବାଲି ଉଠାଉଛନ୍ତି। ଏହି ବାଲିକୁ ଗାଡ଼ି ସାହାର୍ଯ୍ୟରେ ଆଣିବାକୁ ଆଳିର ସୁରକ୍ଷା ବଳୟ ରିଙ୍ଗବନ୍ଧର କେତେକ ଅଂଶକୁ କାଟି ଦେଇଛନ୍ତି। ଫଳରେ ଏହା ରିଙ୍ଗବନ୍ଧ ପାଇଁ ବିପଦ ଡାକି ଆଣିଛି। ବନ୍ୟାରୁ ଆଳିକୁ ରକ୍ଷା କରୁଥିବା ରଙ୍ଗବନ୍ଧ ପାର୍ଶ୍ୱ କଟାଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାଫିଆମାନେ ରାସ୍ତାର ଅନେକ ସ୍ଥାନରେ ବାଲି ଜମା କରିଥିବାରୁ ଯାତାୟାତରେ ବାଧା ସହ ଛୋଟ ବଡ ଦୁର୍ଘଟଣା ଘଟୁଛି। ବାଲି ବୋଝେଇ ଗାଡିରେ ପାଲ ପଡୁ ନ ଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକ ଓ ପାର୍ଶ୍ୱରେ ଥିବା ଘରଗୁଡ଼ିକ ଅସୁବିଧା ଭୋଗୁଛନ୍ତି। ଏହି ସମ୍ପର୍କରେ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର କହିଛନ୍ତି, ତହସିଲଦାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ।


ତହସିଲଦାରଙ୍କୁ ଅଭିଯୋଗ ପତ୍ର ଦିଆଯାଉଛି।

# ବ୍ରାହ୍ମଣୀ-ଗୋବରୀ ନଦୀ ସଂଯୋଗୀକରଣ କାମ ଅଧାରୁ ବନ୍ଦ

**ପଟ୍ଟାମୁଣ୍ଡାଇ,୧୧ା୫(ସ୍ୱ.ପ୍ର.)**

- ୩ଲକ୍ଷ ଚାଷୀଙ୍କ ଚାଷ ପ୍ରଭାବିତ ହେବ
- ଆଉ ଏକ ଟେଣ୍ଡର ହେବ କହିଲେ କନିଷ୍ଠ ଯନ୍ତ୍ରୀ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରବାହିତ ୧୬ କି.ମି.ବ୍ୟାପୀ ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡୁଛି। ଫଳରେ ଏହି ନଦୀ ଉପରେ ନିର୍ଭର କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳ ସମେତ ରାଜନଗର, ମହାକାଳପଡ଼ା, କେନ୍ଦ୍ରାପଡା ବ୍ଲକର ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋବରୀ ନଦୀର ପୁନରୁଦ୍ଧାର ପାଇଁ ୨୦୦୩ରୁ ଦାବି ହୋଇ ଆସୁଛି । ବିଶେଷ କରି ବ୍ରାହ୍ମଣୀ ସହ ଗୋବରୀକୁ ସଂଯୋଗ କରିବାକୁ ସ୍ଥାନୀୟ ଲୋକମାନେ ଗୁରୁତ୍ୱାରୋପ କରିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସେହି କାମ ଶେଷ ହୋଇନାହିଁ । କାମ ଅଧାରେ ଅଟକି ରହିଥିବାରୁ ସ୍ଥାନୀୟ ଲୋକେ ପ୍ରଭାବିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀର ସଂଯୋଗ ହେଲେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଉଭୟପାର୍ଶ୍ୱର ଶତାଧିକ ଗାଁର ଅଧିବାସୀ ଉପକୃତ ହେବେ। ଏହାକୁ ନେଇ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାଶ, କ୍ଷୀରୋଦ ମଲିକ, ଅଶୋକ କୁମାର ବଳ ଓ ଦେବାଶିଷ ପଣ୍ଡା ପ୍ରମୁଖ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ବିଚାର କରି କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ବିଚାରପତି ମଳୟ କୁମାର ପ୍ରଧାନ କେସ୍ ନଂ. ୧୦/୨୦୨୧ରେ ଏକ ମାମଲା ଦାଏର କରି ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡ଼ା ଜଳନିକାସ ବିଭାଗ ପକ୍ଷରୁ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟେଣ୍ଡର ମାଧ୍ୟମରେ ଓଡ଼ିଶା ଷ୍ଟେଟ କନ୍‌ଷ୍ଟ୍ରକଶନ କମ୍ପାନୀ(ଓସିସି) ୨୦୨୧ ମାର୍ଚ୍ଚ ମାସରୁ ଗୋବରୀ ଖନନ କାର୍ଯ୍ୟ ଆରମ୍ଭ କରିଥିଲା। ଗଣ୍ଡାକିଆ ପାଖରୁ ୬ କିଲୋମିଟର ପର୍ଯ୍ୟନ୍ତ କାର୍ଯ୍ୟ ଶେଷକରି ଓସିସି ଏବେ କାର୍ଯ୍ୟ ବନ୍ଦ କରିଦେଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳନିକାସ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଆଉ ଏକ ଟେଣ୍ଡର କରାଯାଇ ପଟ୍ଟାମୁଣ୍ଡାଇ ବାଳିକା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଗୋବରୀ ଖନନ କାର୍ଯ୍ୟ କରାଯିବାକୁ ଧାର୍ଯ୍ୟ କରାଯାଇଛି ।

ସୂଚନାଯୋଗ୍ୟ, ପୂର୍ବରୁ ପଟ୍ଟାମୁଣ୍ଡାଇଠାରେ ପ୍ରବାହିତ ବ୍ରାହ୍ମଣୀ ସହ ଗୋବରୀ ନଦୀର ସଂଯୋଗ ହୋଇଥିଲା । ଏହି ନଦୀ ଚିରସ୍ରୋତା ସହ ନୌବାଣିଜ୍ୟ ପରିବହନ ପାଇଁ ଉର୍ଦ୍ଧିଷ୍ଟ ଥିଲା । ମାତ୍ର ୬୦ ଦଶକ ପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ତିଆରି ହେବା ସମୟରେ ପଟ୍ଟାମୁଣ୍ଡାଇଠାରେ ବ୍ରାହ୍ମଣୀ-ଗୋବରୀ ନଦୀର ସଂଯୋଗ ପଥକୁ ପୋତି ଦିଆଯାଇଥିଲା। ଏହା ବ୍ରାହ୍ମଣୀ ବନ୍ୟା ନିରୋଧକ ଦଶହଜାରୀ ବନ୍ଧ ଭାବେ ନାମିତ ହୋଇଛି। ତେବେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଗୋବରୀ ନଦୀଜଳ ପ୍ରବାହ ବନ୍ଦ ହୋଇଯିବାରୁ ନଦୀଶଯ୍ୟା କ୍ରମଶଃ ପୋତି ଯାଉଛି । ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡା ପୋତା ଗୋବରୀ ନଦୀର ଦୁଇପାର୍ଶ୍ୱ ଜମିକୁ ହେରଫେର କରି ହାତେଇ ନେଇଛନ୍ତି। ଫଳରେ ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀର ସଂଯୋଗ ନେଇ ସମସ୍ୟା ଦେଖାଦେଇଛି। ଗୋବରୀ ନଦୀର ଉଭୟପାର୍ଶ୍ୱରେ ଥିବା ଶତାଧିକ ଏକର ଉର୍ବର ଚାଷଜମି ପାଣି ବିନା ପଡିଆ ପଡୁଛି । ଗୋବରୀ ନଦୀ ସମ୍ପୂର୍ଣ୍ଣ ଖନନ କରାଯାଇ ବ୍ରାହ୍ମଣୀ ସହ ସଂଯୋଗ କରାଗଲେ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଅର୍ଥନୈତିକ ଓ ସାମାଜିକ ଉନ୍ନତି ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।


ଜେସିବି ସାହାଯ୍ୟରେ ନଦୀରୁ ଖନନ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### ୧୬ରୁ ୬ ମହାମାୟୀଙ୍କ ଘଟ ପରିକ୍ରମା
## ବିଧାୟିକାଙ୍କ ମହାମାୟୀ ଯାତ୍ରା ସମ୍ପର୍କିତ ଆଲୋଚନା

କବିସୂର୍ଯ୍ୟନଗର,୧୧।୫(ଡି.ଏନ.ଏ.)- କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଅଧକ୍ଷତାରେ ଏନ୍‌ଏସି ବୈଠକ ଗୃହରେ ବୁଧବାର ଯାତ୍ରା କମିଟି ସହ ପ୍ରଶାସନ ଅଧିକାରୀଙ୍କ ଯାତ୍ରା ସମ୍ପର୍କିତ ଆଲୋଚନା ହୋଇଛି। ଏଥିରେ ଗଞ୍ଜାମ ଉପ ଜିଲାପାଳ ନୀଳମାଧବ ଭୋଇଙ୍କ ବ୍ୟତୀତ ବିଡିଓ ବାସୁଦେବ ନାୟକ, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ଆଇଆଇସି ପ୍ରଭାତ କୁମାର ସାହୁ, ଏନ୍‌ଏସି ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ ମଞ୍ଚାସୀନ ଥିଲେ। ଯାତ୍ରା କିପରି ଶୃଙ୍ଖଳିତ ହେବ ବିଭିନ୍ନ ପ୍ରଶାସନ ଅଧିକାରୀଙ୍କ ସହ ବିଚାର ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଶୃଙ୍ଖଳା ରକ୍ଷା ଲାଗି ପୋଲିସ ଓ ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, କ୍ଷୁଦ୍ର ଜଳସେଚନ, ଫାୟାର, କୋଠାବାଡି ଆଦି ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଭ୍ରମଣ ଶୌଚାଳୟ, ଅସ୍ଥାୟୀ ଜଳଛତ୍ର, ବିଟ ହାଉସ, ଜରୁରିକାଳୀନ ସେବାକେନ୍ଦ୍ର, ସହରର ପ୍ରବେଶ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସିସିଟିଭି ଲଗାଇବା, ପରିଚୟ ପତ୍ର ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତି ୧୨ବର୍ଷରେ ଅନୁଷ୍ଠିତ ପ୍ରସିଦ୍ଧ ମହାମାୟୀ ଯାତ୍ରା ଆସନ୍ତା ମେ ୧୭ରୁ ହୋଇ ଜୁନ ସାତରେ ଶେଷ ହେବ। ଗୁରୁବାର ବ୍ୟତୀତ ୧୬ମେ ଠାରୁ ଜୁନ ୬ ତାରିଖ ଘଟ ପରିକ୍ରମା ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜୁନ ୭ରେ ମା' ନିଜ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରା କମିଟିର ମୁଖ୍ୟ କୁମୁଦ ଚନ୍ଦ୍ର ସାହୁ, ମହାମାୟୀ ଟ୍ରଷ୍ଟ ସଭାପତି ବିଜୟ କୁମାର କହଁର, ସମ୍ପାଦକ ଜି. ଶମ୍ଭୁଲିଙ୍ଗମ ଆଚାରୀ, ସୂର୍ଯ୍ୟମଣି ପାଣି, ଶଶିଶେଖର ପାତ୍ର, ଲିଙ୍ଗରାଜ ନାୟକ, ରସଲ ଦାସ, ସୁରଜ ରେଡି ଓ ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

## କନ୍ୟକା ପରମେଶ୍ୱରୀଙ୍କ ଜନ୍ମ ଉତ୍ସବ

ଜି.ଉଦୟଗିରି,୧୧।୫(ଡି.ଏନ.ଏ.)ଜି.ଉଦୟଗିରି କଳିଙ୍ଗ ବୈଶ୍ୟ ସମାଜ ତରଫରୁ ବୁଧବାର ଇଷ୍ଟଦେବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ବୈଶ୍ୟ ସମାଜ ସଭାପତି ବି. ରାମେଶ୍ୱର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସମାଜ ଏବଂ ମହିଳା ସଂଘ କର୍ମକର୍ତ୍ତାଗଣ ଏବଂ ସଭ୍ୟ ଯୋଗ ଦେଇଥିଲେ। ସଂଘ ସଭାଗୃହରେ ପୂଜାର୍ଚ୍ଚନା ସହିତ ନଗର ପରିକ୍ରମା କରିଥିଲେ। ସଂଘ ସମ୍ପାଦକ ସଞ୍ଜୟ କୁମାର ସୁବୁଦ୍ଧି, କୋଷାଧକ୍ଷ ଟି. ଶ୍ରୀନାରାୟଣ ପାତ୍ର, ଯୁବକ ସଂଘ ସଭାପତି ପି. ଅମିତ କୁମାର ପାତ୍ର, ସମ୍ପାଦକ କେ. ଗୋବିନ୍ଦ ପାତ୍ର, ମହିଳା ସଂଘ ସଭାନେତ୍ରୀ ସିଏଚ୍. ଲକ୍ଷ୍ମୀ ବାଈ ପାତ୍ର, ସମ୍ପାଦକ ବି. ଝିଲି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପୋଲିସକୁ ବୋମାମାଡ଼ ଘଟଣାରେ ୪ କୋର୍ଟଚାଲାଣ

ଗୋପାଳପୁର,୧୧।୫(ଡି.ଏନ.ଏ.) ଡକାୟତି ଉଦ୍ୟମ, ପୋଲିସ ଉପରକୁ ବୋମା ମାଡ଼ ଓ ଚୋରି ସୁନା ଜବତ ଘଟଣାରେ ବୁଧବାର ଗୋପାଳପୁର ପୋଲିସ ୪ ଜଣକୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ବ୍ରହ୍ମପୁର ସଦର ଥାନା ଅଧୀନ ବାଲିପଡ଼ା ଗ୍ରାମର ଟୁନା ପାତ୍ର, ଗଣେଷ ପାତ୍ର, ଟି.ବିଶୁ ଓ ସୁକୁଣ୍ଡା ଗ୍ରାମର କେ.ପ୍ରକାଶ। ତାଙ୍କଠାରୁ ଦୁଇଟି ଲୁହାରଡ଼, ଦୁଇଟି ଧାରୁଆ ଖଣ୍ଡା, ଦୁଇଟି ବୋମା, ଟର୍ଚ୍ଚ ଲାଇଟ ଓ ଅନ୍ୟ ମାରଣାସ୍ତ୍ର ସାମଗ୍ରୀ ପୋଲିସ ଜବତ କରିଛି। ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣ ବିବେକ ଏମଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପଥରା ନିକଟରେ ଗୋପାଳପୁର ଥାନା ପୋଲିସ ବ୍ଲକିଂ କରିଥିଲା। କେତେଜଣ ଡକାୟତ ଗୁରା ନିକଟସ୍ଥ କଳିଙ୍ଗ ବିହାର ନିକଟରେ ପାଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଟୁନା, ଗଣେଷ, ବିଶୁ ଓ ପ୍ରକାଶଙ୍କୁ କାବୁ କରିବା ସହ ସେଠାରୁ ଚୋରା ସୁନା ଓ ରୁପା ଅଳଙ୍କାର ଜବତ କରିଥିଲା। ଏ ନେଇ ଥାନାରେ ଅଟକ ରଖି ପଚରାଉଚରା କରିଥିବା ବେଳେ ଗତ ୪ ମାସ ତଳେ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ନେଇ ଅଭିଯୁକ୍ତମାନେ କହିଥିଲେ। ସୁନା ଅଳଙ୍କାର ୨୩୫ ଗ୍ରାମ, ରୁପା ଅଳଙ୍କାର ୬୦ ଗ୍ରାମ ଜବତ କରିଥିବା ନେଇ ସଦର ଏସଡିପିଓ ଶିବ ଶଙ୍କର ମହାକୁଡ଼ କହିଛନ୍ତି।

## ରାସ୍ତା ଖୋଳିଦେଲା ଟେଲିକମ୍ କମ୍ପାନୀ

ଆର.ଉଦୟଗିରି,୧୧।୫(ଡି.ଏନ.ଏ.)- ମୋହନା ବ୍ଲକ ପାଣିଗଣ୍ଡା ପଞ୍ଚାୟତ ନିକଟ ତୁରାଣିପାଣିଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ହୋଇଛି। ତେବେ ରିଲାଏନ୍ସ ଟେଲିକମ କମ୍ପାନୀ ଉକ୍ତ ରାସ୍ତା ପାର୍ଶ୍ୱ ଖୋଳି କେବୁଲ ବିଛାଉଥିବାରୁ ଲୋକଙ୍କ ଯିବା ଆସିବାରେ ବାଧା ଉପୁଜୁଛି। କମ୍ପାନୀ ପକ୍ଷରୁ ରାସ୍ତା ମଝିରେ ମାଟି ପକାଇ ଅବରୋଧ କରାଯାଇଛି। ମୋହନା ଆରଡି ଅଫିସର ଜେଇ ଶିବରାମ ସାହୁ ଘଟଣାସ୍ଥଳକୁ ଯାଇଥିଲେ ମଧ କମ୍ପାନିର କେହି ସେଠାରେ ନ ଥିଲେ। କେବଳ ଜଣେ ଜେସିବି ଡ୍ରାଇଭର ଥିଲେ। ରାସ୍ତା ଖୋଳା ସମ୍ପର୍କରେ ଜେଇ ତାଙ୍କୁ ତାଗିଦ୍ କରିବାରେ ମାଲିକଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଏହି କାମ କରୁଛନ୍ତି ବୋଲି ବୋଲି କହିଥିଲେ। ପରେ ଜେଇ ଉକ୍ତ କାମ କରୁଥିବା ସଂସ୍ଥାର ମାଲିକଙ୍କୁ ତାଙ୍କ ସହ ସାକ୍ଷାତ କରିବାକୁ ଡ୍ରାଇଭରଙ୍କୁ କହିଥିବା ସୂଚନା ଦେଇଛନ୍ତି।

# ଉନ୍ନୟନ କାମ ଉପରେ ଆଲୋଚନା ହେଲାନି

ନୂଆଗାଁ,୧୧।୫ (ଡି.ଏନ.ଏ.)



ବୈଠକରେ ଯୋଗ ଦେଇଥିବା ଜନ ପ୍ରତିନିଧି।

- ନୂଆଗାଁ ବ୍ଲକ ପ୍ରଥମ ସାଧାରଣ ଅଧିବେଶନ
- ପୂର୍ବ ବିବରଣୀ ପାଠ କରାଗଲା ନାହିଁ
- ଅସନ୍ତୋଷ ପ୍ରକାଶ କଲେ ସଭ୍ୟାସଭ୍ୟ

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପ୍ରଥମ ସାଧାରଣ ଅଧିବେଶନ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ନିର୍ବାଚନ ପରେ ନବ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପୂର୍ବ ବିବରଣୀ ପାଠ କରା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଉନ୍ନୟନ କାମ ଉପରେ ବି ଆଲୋଚନା ହୋଇ ନ ଥିବା ସୂଚନା ମିଳିଛି।

ବୁଧବାର ସଭାଗୃହରେ ପ୍ରବେଶ ପୂର୍ବରୁ ବ୍ଲକ ପ୍ରଶାସନ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଜନ ପ୍ରତିନିଧିଙ୍କୁ ସ୍ୱାଗତ କରାଯାଇଥିଲା । ସଭାକାର୍ଯ୍ୟ ପ୍ରଥମ ସୋପାନରେ ପୂର୍ବ ବୈଠକର ବିବରଣୀ ପାଠ କରାଯିବା କଥା ବୈଠକର କାର୍ଯ୍ୟସୂଚୀରେ ରହିଥିବା ବେଳେ ତାହାକୁ ପଠନ କରାଯାଇ ନ ଥିଲା । ତେବେ କେଉଁ କାରଣ ଯୋଗୁ ବିବରଣୀ ପାଠ କରାଗଲା ନାହିଁ ସେ ନେଇ ବୈଠକରେ ଉପସ୍ଥିତ ଥିବା ସଭ୍ୟାସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଜନ ପ୍ରତିନିଧିଙ୍କ ପାଇଁ ବ୍ଲକରେ କୌଣସି ଗୃହ ନ ଥିବା ବେଳେ ସମିତି ସଭ୍ୟଙ୍କ ପାଇଁ ଏକ ଗୃହ ନିର୍ମାଣ କରିବା ଏବଂ ସମିତି ସଭ୍ୟ ଓ ସରପଞ୍ଚମାନେ ସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା, ଏଭଳି ଦୁଇଟି ପ୍ରସ୍ତାବ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଦେଇଥିଲେ । ପ୍ରତି ଅଧିବେଶନ ପରି ଚଳିତ ଅଧିବେଶନରେ ମଧ୍ୟ ପାନୀୟ ଜଳ ସମସ୍ୟା ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯଥା ସମ୍ଭବ ଚେଷ୍ଟା କରିବା ସହ ନୟାଗଡ଼ ଜିଲାରେ ସର୍ବାଧିକ ନୂତନ ଭାବେ ୮୧ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୯ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା ସୂଚନା ଦେଇଥିଲେ । କୃଷି ବିଭାଗ ଦ୍ୱାରା ୬୩ ଏକର ଧାନ ଚାଷ କରାଯିବାର ନିର୍ଦ୍ଦେଶ ରହିଥିବା ବେଳେ ସେଥିରେ ବାସ୍ମା ଧାନ କରିବା ପାଇଁ ଆତ୍ମା କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ତାହା ନୂଆଗାଁ ବ୍ଲକର ଦୁଇଟି ଜୋନ୍ ମଧ୍ୟରୁ ଗୋଟିଏ ଜୋନ୍‌ରେ ଚାଷ କରାଯିବ ବୋଲି ଆତ୍ମା କମିଟି ସ୍ଥିର କରିଥିବା ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପୂଜା କହଁର କହିଥିଲେ । ତେବେ କାହିଁକି ଗୋଟିଏ ଜୋନ୍ ନିଷ୍ପତ୍ତି ନିଆଯାଇଛି । ଦୁଇଟି ଜୋନ୍‌ରେ ଧାନ ଚାଷ କରାଯାଉ ବୋଲି ବିଧାୟକ ବେହେରା କହିଥିଲେ। ତେବେ ଆତ୍ମା କମିଟି ନିଷ୍ପତ୍ତିକୁ ପାଳନ କରାଯିବ ନା ବିଧାୟକଙ୍କ ପ୍ରସ୍ତାବକୁ ପାଳନ କରାଯିବ ବୋଲି ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ପ୍ରଶ୍ନ କରିଥିଲେ । ଜଳ ବିଭାଜିକ କର୍ମଚାରୀ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି କେତେଜଣ ଦଲାଲଙ୍କ ମାଧ୍ୟମରେ ଦୁର୍ନୀତି ଚଳାଇଥିବା ଅଭିଯୋଗ ଉଠିଥିଲା । ନୂଆଗାଁ ବ୍ଲକର ଶିଶୁ , ଗର୍ଭବତୀ ଓ ପ୍ରସୂତିମାନଙ୍କ ପାଇଁ ଦଶପଲା ବ୍ଲକରେ ଛତୁଆ ପ୍ରସ୍ତୁତ କରାଯାଉଥିବା ବାବଦରେ ଡେଙ୍କେଣୀ ସରପଞ୍ଚ ସଭାରେ ଜଣାଇବା ପରେ ୭ ଦିନ ମଧ୍ୟରେ ନୂଆଗାଁ ବ୍ଲକରେ ଛତୁଆ ପ୍ରସ୍ତୁତ ନିମନ୍ତେ ଟେଣ୍ଡର କରିବା ପାଇଁ ବିଧାୟକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୟ ଅଭାବ ଦର୍ଶାଇ ନୂଆଗାଁ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ବାବଦରେ କୌଣସି ଆଲୋଚନା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଅଧିବେଶନରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ସଭାପତିତ୍ୱ କରିଥିବା ବେଳେ ଦଶପଲ୍ଲା ବିଧାୟକ ବେହେରା, ବିଡିଓ ପ୍ରମୋଦ କୁମାର ନାୟକଙ୍କ ସମେତ ସମସ୍ତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

## ଗଞ୍ଜାମ ଏନ୍‌ଏସି
### ନୂଆ କାଉନସିଲ ଆସିଲା ପରେ ବି ହେଉନି ବିକାଶ

ଗଞ୍ଜାମ,୧୧।୫(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସିରେ ଦୀର୍ଘ ବର୍ଷ ଧରି କୌଣସି ଉନ୍ନୟନ କାର୍ଯ୍ୟ ହୋଇନଥିବା ବେଳେ ବର୍ତ୍ତମାନ ନୂଆଁ କାଉନସିଲ ଆସିବା ପରେ ମଧ ହୋଇପାରୁନି ବିକାଶ। ନିର୍ବାଚନ ପରେ ଅଧକ୍ଷା ହେବା ପରେ ଗଞ୍ଜାମବାସୀଙ୍କ କିଛି ବିକାଶ ହେବ ବୋଲି ଆଶା ରଖିଥିଲେ। କିନ୍ତୁ ଉନ୍ନୟନ କାର୍ଯ୍ୟ ହେବାର ତ ଦୂରର କଥା ଏଯାବତ କୌଣସି କାଉନସିଲର ବୈଠକ ବି ହୋଇନାହିଁ। ବର୍ତ୍ତମାନ ସହରରେ ଲୋକଙ୍କ ମୌଳିକ ସମସ୍ୟା ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଦିନକୁ ଚାରୀରୁ ପାଞ୍ଚ ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବା ବେଳେ ଏଥିପାଇଁ ପାଣି ସମସ୍ୟା ମଧ ଦେଖାଦେଉଛି। ବିଶେଷ କରି ୱାର୍ଡ ନଂ ୮ ଓ ୯ ପୁଇଁତୋଳା ଗ୍ରାମରେ। ଏହି ସମସ୍ୟା ଜନସାଧାରଣ କାହା ନିକଟରେ ଅଭିଯୋଗ କରିବେ ତାହା ଚିନ୍ତାର ବିଷୟ ପାଲଟିଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ସହରରେ ସମସ୍ତ ଡ୍ରେନ ମୁକୁଳା ପଡିବାର ଦେଖିବାକୁ ମିଳିଛି। ଏନେଇ ପୂର୍ବତନ ଉପାଧକ୍ଷା ନୀଳାଞ୍ଚଳ ବାରିକି କହିଛନ୍ତି ବର୍ଷାଦିନ ପୂର୍ବରୁ ଯଦି ଡ୍ରେନ ମରାମତି ନ ହୁଏ ତେବେ ବିଶେଷ କରି ୮ ଓ ୯ ନମ୍ବର ୱାର୍ଡ ଜଳମଗ୍ନ ହେବାର ବହୁତ ସମ୍ଭାବନା ଅଛି। ଅନ୍ୟ ପଟେ ସହରରେ ପରିମଳ ବ୍ୟବସ୍ଥା ଠପ ହୋଇଯାଇଛି। ବିଭିନ୍ନ ୱାର୍ଡରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦୀର୍ଘ ଦିନ ଧରି ପଡି ରହୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି ପରେ ହଟିଲା ପ୍ରତିବାଦ

ବୁଗୁଡ଼ା,୧୧।୫(ଡି.ଏନ.ଏ.)

**ଦୋକାନ ଘର ସମ୍ପ୍ରସାରଣକୁ ନେଇ ବିବାଦ ଘଟଣା**


ସହରବାସୀଙ୍କ ସହ ଆଲୋଚନା କରୁଛନ୍ତି ନଗରପାଳ।

ବୁଗୁଡା ନୂଆଁ ବସଷ୍ଟାଣ୍ଡଠାରେ ଭଡା ସୂତ୍ରରେ ଦିଆଯାଇଥିବା କେତେକ ଦୋକାନ ଘର ମଧ୍ୟରୁ ଜଣେ ବ୍ୟବସାୟୀ ଜଣକ ନିଜ ଦେକାନ ଘରର ପଛପଟ କାନ୍ଥକୁ ଭାଙ୍ଗି ବେଆଇନ ଭାବେ ନିର୍ମାଣ କରିଥିଲେ। ଏହି ନିର୍ମାଣ କାର୍ଯ୍ୟକୁ ୨ ନମ୍ବର କାଉନସିଲର ବିନୋଦିନୀ ନାୟକ ଗତ ୨୯ ଏପ୍ରିଲରେ ଅନୁଷ୍ଠିତ ଏନ୍‌ଏସି ବୈଠକ ଅବସରରେ ପ୍ରତିବାଦ କରି ଏହି ଅବୈଧ ନିର୍ମାଣର ଉଚ୍ଛେଦ ସକାଶେ ୱାର୍ଡ ବାସିନ୍ଦାଙ୍କ ଦସ୍ତଖତ ସମ୍ବଳିତ ଏକ ଲିଖିତ ଦରଖାସ୍ତ ନଗରପାଳ ଚିତ୍ରସେନ ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କ ଅବୈଧ କବଜାରେ ରହିଥିବା ଏନ୍‌ଏସି ବୋରିଙ୍ଗ୍ ପାଇପକୁ ମଧ ମୁକ୍ତ କରାଯାଇ ଯାତ୍ରୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଯଦି ଏହି ବେଆଇନ ନିର୍ମାଣର ଉଚ୍ଛେଦ ଏବଂ ବୋରିଙ୍ଗ୍ ପାଇପକୁ ମୁକ୍ତ କରାନଯାଏ ତେବେ ୱାର୍ଡ ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଇତି ମଧ୍ୟରେ ୧୦ ଦିନ ବିତି ଯାଇଥିଲେ ମଧ ଏନ୍‌ଏସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ବେଳେ ପୁଣି ୱାର୍ଡ ବାସିନ୍ଦା ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀ ରଞ୍ଜନ ଦାସଙ୍କୁ ପ୍ରତିବାଦକାରୀମାନେ ଏଭଳି ଅବୈଧ ନିର୍ମାଣର ଉଚ୍ଛେଦ କରାନଯାଇ ବ୍ୟବସାୟୀ ଜଣଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାର କାରଣ କ'ଣ ବୋଲି ପ୍ରଶ୍ନ କରିଥିଲେ। ସଂପୃକ୍ତ ବ୍ୟବସାୟୀଙ୍କ ଆବେଦନ ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ତାଙ୍କୁ ଏପରି ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଥିବା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଉତ୍ତର ରଖିଥିଲେ। ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରି ବ୍ୟବସାୟୀଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ କେଉଁ ଆଧାରରେ ପ୍ରାଧାନ୍ୟ ଦିଆଗଲା ବୋଲି ପ୍ରତିବାଦକାରୀମାନେ ପୁଣି ପ୍ରଶ୍ନ କଲାପରେ କାର୍ଯନିର୍ବାହୀ ଅଧିକାରୀ ଏବଂ ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ଏଥିରେ ନଗରପାଳ ହସ୍ତକ୍ଷେପ କରି ସାତ ଦିନ ମଧ୍ୟରେ ଦୋକାନୀଙ୍କ ଅବୈଧ ନିର୍ମାଣର ଉଚ୍ଛେଦ ସାଙ୍ଗକୁ ତାଙ୍କ ଜବର ଦଖଲରୁ ବୋରିଂ ପାଇପକୁ ମୁକ୍ତ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଆହାର କେନ୍ଦ୍ର ଖାଦ୍ୟରେ ଅନିୟମିତତା

ନୟାଗଡ଼ ଅଫିସ,୧୧।୫

- ଜିଲାପାଳଙ୍କୁ ଫେରାଦ୍ ହେଲା ସିପିଏମ୍
- ଦଶପଲ୍ଲାରୁ ୧୦୦ ମିଲ୍ ଗାଏବ ପରେ ତଦନ୍ତ ଦାବି

ସରକାରଙ୍କ ଲୋକାଭିମୁଖୀ ଯୋଜନା ଆହାରରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ଦଶପଲ୍ଲାରେ ୧୦୦ ମିଲ୍ ଗାଏବ ଧରାପଡିବା ପରେ ଏହା ପଛରେ ଏକ ର୍‌ୟାକେଟ କାମ କରୁଥିବା ଅଭିଯୋଗ ଉଠିଛି । ଏହି ଘଟଣାର ତଦନ୍ତ ପାଇଁ ସିପିଏମ୍ ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ଅନୁରୋଧ କରାଯାଇଛି । ଦୋଷୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

ସୂଚନା ଅନୁଯାୟୀ, ରଣପୁର, ଓଡ଼ଗାଁ, ଦଶପଲ୍ଲା, ଖଣ୍ଡପଡ଼ା ଓ ନୟାଗଡ଼ ସହରରେ ଆହାର ଯୋଜନା ଚାଲିଛି । ଜିଲାରେ ୬୦୦ ମିଲ୍ ଓ ୪ ସହରାଞ୍ଚଳକୁ ୨୦୦ ଲେଖାଏ ମିଲ୍ ଲୋକଙ୍କୁ ୫ଟଙ୍କାରେ ଖାଇବାକୁ ଦିଆଯାଉଛି । ନୟାଗଡ଼ରୁ ପ୍ରତିଦିନ ଖାଦ୍ୟ ଓଡ଼ଗାଁ, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ଯାଏ । ଦଶପଲ୍ଲାରୁ ୧୦୦ ମିଲ୍ ଗାଏବ ହୋଇଥିବା ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ଧରିବା ପରେ ଯୋଜନାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଅନିୟମିତତା ରଣପୁର, ଓଡ଼ଗାଁ, ଖଣ୍ଡପଡାରେ ହେଉଥିବା ଅଭିଯୋଗ ଉଠିଛି। କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ନୟାଗଡ଼ରେ ୪୦୦ରୁ ୫୦୦ ମିଲ୍ ବିକ୍ରି ପରେ ପ୍ରତ୍ୟହ ଦୁର୍ନୀତି ଚାଲିଛି । ୧୦୦ରୁ ୨୦୦ ମିଲ୍ ନ କରି ପ୍ରତ୍ୟହ ଟୋକନ ଶେଷ ହୋଇଗଲା ବୋଲି କୁହାଯାଉଛି । ଏନେଇ ସିପିଏମ୍‌ର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର ଓ ଦଶପଲ୍ଲାର ଶରତ ଚନ୍ଦ୍ର ବେହେରା କୁହନ୍ତି, ଦଶପଲ୍ଲାରେ ୧୦୦ ମିଲସ୍ ବଣ୍ଟନ କରି ୨୦୦ ମିଲସର ବିଲ୍ କରିବା ସାଂଘାତିକ ଘଟଣା । ଦଶପଲ୍ଲାର ଏହି ଅନିୟମିତତା ଜିଲାର ଆହାର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଲଗାଇଛି । ସେହିପରି ଆହାର କେନ୍ଦ୍ରରେ ଉଚ୍ଚ ମାନର ଚାଉଳ ନ ଦେଇ ନିକୃଷ୍ଟ ମାନର ଚାଉଳରେ ଭାତ ଦିଆଯାଉଛି । ଏହି ଘଟଣାରେ ତଦନ୍ତ ନ ହେଲେ ଦଶପଲ୍ଲାରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏନେଇ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ଗରୀବ ଲୋକଙ୍କ ନାଁରେ ଆହାର ମିଲସ୍‌କୁ ହରିଲୁଟ୍ କରାଯାଉଛି । ଏହା ପଛରେ ଅନେକ ଲୋକ ଅଛନ୍ତି । ସେହି ମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ନ ହେଲେ କଂଗ୍ରେସ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ନୟାଗଡ଼ର ସୀତା ପ୍ରଧାନ କୁହନ୍ତି, ଆହାର ଖାଦ୍ୟରେ ଗୁଣବତ୍ତା ନାହିଁ । ପ୍ରତିବାଦ କଲେ କହୁଛନ୍ତି ମନ ପାଇଲେ ଖାଅ ନ ହେଲେ ଚାଲିଯାଅ, ୫ ଟଙ୍କାରେ ଆଉ କିପରି ଖାଦ୍ୟ ମିଳିବ । ଦଶପଲ୍ଲା ଖାଦ୍ୟ ଅନିୟମିତତା ପରେ କିଛି ପରିବର୍ତ୍ତନ ହେବାର ଆଶା କରାଯାଉଛି । ହେଲେ ଏହାକୁ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ ହେଲାଣି ବୋଲି ସେ କହିଛନ୍ତି ।

## ୫୦ ପିଆଶାଳ କାଠ ଜବତ, ୩ ଗିରଫ

ଆର.ଉଦୟଗିରି/ପାରଳାଖେମୁଣ୍ଡି,୧୧।୫(ଡି.ଏନ.ଏ.)

ମୋହନା ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ରାତିରେ ଆଠ ବଖରା ଠୁ ଜିରୋ କେମ୍ପ ରୋଡରେ ପାଟ୍ରୋଲିଂ ଚାଲିଥିବା ବେଳେ ଏକ ଗାଡ଼ିରୁ ୫୦ ଖଣ୍ଡ ପିଆଶାଳ କାଠ ଜବତ ହୋଇଥିଲା। ଉକ୍ତ କାଠ ପାଣିଗଣ୍ଡା ଅଞ୍ଚଳରୁ ଗଞ୍ଜାମ ଜିଲା ଗୌଡଗୋଠକୁ ଚୋରା ଚାଲାଣ କରାଯାଉଥିଲା। ଏହି ଘଟଣାରେ ବନ ବିଭାଗ ୩ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଗୁରୁଞ୍ଜି ଗ୍ରାମର ବାବୁଲା ବେହେରଦଳାଇ, ପଣସଡିହ ଗ୍ରାମର ନିର୍ମଳ ବେହେଦଳାଇ ଓ ପୁରୁଣପାଣି ଗାଁର ମୋଜେସ ମାଝୀ।

## ୩୨ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ଜି.ଉଦୟଗିରି,୧୧।୫(ଡି.ଏନ.ଏ.)- ଜି.ଉଦୟଗିରି ବ୍ଲକ ଅଧୀନ ମାଲିକାପଡ଼ି ପଞ୍ଚାୟତ ପାଙ୍ଗାନାଜୁ ଗ୍ରାମଠାରେ ୪୧ତମ ବାର୍ଷିକ ୩୨ ପ୍ରହର ନାମ ଯଜ୍ଞ ଆରମ୍ଭ ହୋଇଛି। କମିଟି ସଭାପତି କାଭେନ ପ୍ରଧାନଙ୍କ ନେତୃତ୍ୱ ଓ ଉପ ସଭାପତି ଅଜିତ କୁମାର ପ୍ରଧାନ ଏବଂ ଯଜ୍ଞ ପରିଚାଳକ ବାହନ ପ୍ରଧାନଙ୍କ ସହଯୋଗରେ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଯଜ୍ଞ ପୂଜା ପାଇଁ ଆବଶ୍ୟକ କଳସୀ ଜଳ ନିମନ୍ତେ ସୋମବାର ଯଜ୍ଞସ୍ଥଳରୁ ବାହାରି ଗାଁଠାରୁ କିଛି ଦୂର ନଦୀରେ ପୂଜା ପାଠ କରି ଜଳ ପୂର୍ଣ୍ଣ କଳସୀ ପଇଡ଼ ସହ ଉଠେଇଥିଲେ। ସମସ୍ତ ମହିଳା ଜଳପୂର୍ଣ୍ଣ କଳସୀ ଗୁଡ଼ିକୁ ମୁଣ୍ଡରେ ମୁଣ୍ଡେଇ ଜି.ଉଦୟଗିରି ସହର ମଧ ଦେଇ ଯଜ୍ଞ ସ୍ଥଳକୁ ଯାତ୍ରା କରିଥିଲେ। ମଙ୍ଗଳବାର ହୋମ ଯଜ୍ଞ, ନାମ ଯଜ୍ଞ ଆରମ୍ଭ ହୋଇଥିଲା। ବିଭିନ୍ନ ଗାଁରୁ ପ୍ରାୟ ୩୦/୪୦ ସଙ୍କୀର୍ତ୍ତନ ମଣ୍ଡଳୀ ଗୁଡ଼ିକୁ ଯଜ୍ଞରେ ନାମ ସଙ୍କୀର୍ତ୍ତନ ନିମନ୍ତେ ନିମନ୍ତ୍ରଣ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ୯ରୁ ଆରମ୍ଭ ହୋଇ ୧୪ ତାରିଖ ଦିନ ସମାପ୍ତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରତି ବର୍ଷ ବିଭିନ୍ନ ଗାଁରେ ଏପରି ଯଜ୍ଞ ଆୟୋଜନ ହୋଇଥାଏ। ନିଜ ଗାଁ, ପଞ୍ଚାୟତ, ରାଜ୍ୟ, ଦେଶ ତଥା ସମଗ୍ର ବିଶ୍ୱର ମଙ୍ଗଳ କାମନା କରି ନାମ ଯଜ୍ଞର ଆୟୋଜନ କରାଯାଇଥିବା କଥା ଆୟୋଜକ ମାନେ କହିଛନ୍ତି।

## ପିଡିଙ୍କ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ପାରଳାଖେମୁଣ୍ଡି,୧୧।୫(ଡି.ଏନ୍.ଏ.)

ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାଏକ ନୂଆଗଡ଼ ବ୍ଲକର ବିଭିନ୍ନ ୫-ଟି ରୂପାନ୍ତରୀକରଣ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପିଡି ଡିଆର୍‌ଡିଏ କେରେଡାଙ୍ଗଠାରେ ଥିବା ହାଇସ୍କୁଲ, ସରଳାପଦର ଗ୍ରାମଠାରେ ଥିବା ହାଇସ୍କୁଲ ଏବଂ ନୂଆଗଡଠାରେ ଥିବା ଏଲ୍‌ଏନ ବିଦ୍ୟାପୀଠ ଆଦିର ପରିଦର୍ଶନ ଓ ନିରୀକ୍ଷଣ କରିଥିଲେ। ବିଦ୍ୟାଳୟ ଗୁଡିକରେ ଚାଲିଥିବା ସ୍ମାର୍ଟ ବୋର୍ଡ, ଇ-ଲାଇବ୍ରେରୀ, ବିଜ୍ଞାନଗାର, କମ୍ପ୍ୟୁଟର ଲ୍ୟାବ, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ, ଖେଳପଡିଆ, ବଗିଚା ଆଦି ନିର୍ମାଣ ତଥା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପିଡିଙ୍କ ଏହି ପରିଦର୍ଶନ ସମୟରେ ବ୍ଲକ ସ୍ତରୀୟ ଅଧିକାରୀ, ସହକାରୀ ଯନ୍ତ୍ରୀ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

ଛତ୍ରପୁର,୧୧।୫(ଡି.ଏନ.ଏ)

ଚମାଖଣ୍ଡି ଥାନା ନରେନ୍ଦ୍ରପୁର-ବଡ଼ କୁଶଳିସ୍ଥଳୀ ରୋଡ ଠାରେ ବୁଧବାର ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନ କୁଶଳୀସ୍ଥଳୀ ଗ୍ରାମର ଗଙ୍ଗାଧର ସେଠୀ (୭୫)। ଗଙ୍ଗାଧର ଚାଲିକି ନରେନ୍ଦ୍ରପୁର ସାପ୍ତାହିକ ହାଟକୁ ଆସୁଥିଲେ। ଏହି ସମୟରେ ଏକ ଗୁଡ଼ସେଡର ମାଲ ବୋଝେଇ ଟ୍ରକ (ଓଆର ୦୭ଏମ ୫୭୩୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗଙ୍ଗାଧରଙ୍କ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ ସହ ଚାଳକଙ୍କୁ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି। ଏ ନେଇ ନଂ. ୮୦/୨୨ରେ ମାମଲା ରୁଜୁ ହୋଇଛି ।

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସାରିବାକୁ ନିର୍ଦ୍ଦେଶ

ଛତ୍ରପୁର,୧୧।୫(ଡି.ଏନ.ଏ)

ଗଞ୍ଜାମ ଜିଲାସ୍ତରୀୟ ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପର ସମୀକ୍ଷା ବୈଠକ ଓସ୍ୱାନ ହଲ୍‌ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲୀନ କୁମାରୀ ଖେସ ଅଧକତା କରିଥିଲେ। ଆସନ୍ତା ବର୍ଷାଋତୁ ପୂର୍ବରୁ ଜିଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକର କାର୍ଯ୍ୟ ତୁରନ୍ତ ଶେଷ କରି ସ୍ଥାନୀୟ ସମ୍ମନିତ ଶିଶୁ ବିକାଶ ଅଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୂର୍ଣ୍ଣ ହୋଇଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତୀକରଣ, ଶୌଚାଳୟ ନିର୍ମାଣ, ପିଇବା ପାଣି ବ୍ୟବସ୍ଥା, ପାଚେରୀ ଓ ମୋ ଉପକାର ବଗିଚା ନିର୍ମାଣ କରିବାକୁ ଅତିରିକ୍ତ ଜିଲାପାଳ କହିଛନ୍ତି। ଯେଉଁ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇନାହିଁ, ତୁରନ୍ତ ଜାଗା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମହିମା ଅଲେଖ ଧୂନି ମନ୍ଦିର ପ୍ରତିଷ୍ଠା


ମନ୍ଦିର ପ୍ରତିଷ୍ଠା ଉତ୍ସବ ।

ଛତ୍ରପୁର,୧୧।୫(ଡି.ଏନ.ଏ)

ଛତ୍ରପୁର ଜେଲ ପାର୍ଶ୍ୱ ଇନ୍ଦିରାଆବାସ କଲୋନୀରେ ନିର୍ମିତ ସତ୍ୟ ମହିମା ଅଲେଖ ଧର୍ମର ଧୂନି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ମୂର୍ତ୍ତିପୂଜାର ବିରୋଧି ଏହି ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନିରାକାର ବ୍ରହ୍ମଙ୍କ ପୂଜା କରାଯାଏ। ଏଥିରେ ବୌଦ୍ଧ ଓ ଜୈନ ଧର୍ମର ପ୍ରଭାବ ଦେଖିବାକୁ ମିଳିଥାଏ। ଏଥିରେ ଓଡିଆଙ୍କ ମୌଳିକ ପୂଜା ସୂର୍ଯ୍ୟପୂଜାକୁ ସାଙ୍କେତିକ ଭାବେ ନିରାକାର "ଅଲେଖ" ଭାବେ ଗ୍ରହଣ କରାଯାଇଛି। ଛତ୍ରପୁର ଅଲେଖ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ କୋରାପୁଟର ଅବଧୂତ କପିଳେନ୍ଦ୍ର ବାବା, ବ୍ରହ୍ମପୁର ଖୋଡାସିଙ୍ଗିର ଅବଧୂତ ଜୟରାମ ବାବା, ଛତିଶଗଡ଼ର ଅବଧୂତ ବାସୁଦେବ ବାବା, ଗୁରୁଣ୍ଡିର ଅବଧୂତ ପ୍ରଭାସ ଚନ୍ଦ୍ର ବାବା ଓ ଅବଧୂତ ସୀତାରାମ ବାବା ଯୋଗ ଦେଇ ଆନୁଷ୍ଠାନିକ ଭାବେ ସମସ୍ତ କାର୍ଯ୍ୟ ସମାପନ କରିଥିଲେ। ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳର ଅଲେଖ ଧର୍ମାବଲମ୍ବୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସହରର ସୌନ୍ଦର୍ଯ୍ୟକରଣ, ବିକାଶକୁ ଗୁରୁତ୍ୱ

ପୁରୁଷୋତ୍ତମପୁର,୧୧।୫(ଡି.ଏନ.ଏ.)

**ପୁରୁଷୋତ୍ତମପୁର ଏନ୍‌ଏସି ବୈଠକ**


ଏନ୍‌ଏସି ବୈଠକରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର ଏନ୍‌ଏସି କାଉନସିଲର ପ୍ରଥମ ବୈଠକ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ପ୍ରିୟଙ୍କା ଗୌଡ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆସ୍କା ଏମ୍‌ପି ପ୍ରମିଳା ବିଷୋଇ ଓ ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ ନବନିର୍ବାଚିତ ପ୍ରତିନିଧିମାନଙ୍କୁ ବିଭିନ୍ନ ପରାମର୍ଶମାନ ଦେବାସହ ସମସ୍ତେ ଏକତ୍ରିତ ହୋଇ ସହରର ବିକାଶ ଲାଗି ଗୁରୁତ୍ୱ ଦେବାକୁ କହିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ମାନ ସମ୍ପର୍କରେ ନିର୍ବାହୀ ଅଧିକାରୀ ବୁଝାଇଥିଲେ। ଏହି ଅବସରରେ ସହରର ମୁଖ୍ୟ କାଳୀମନ୍ଦିର ଛକଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା, ସହର ଆସ୍କା-ହୁମ୍ମା ମୁଖ୍ୟ ରାସ୍ତାର ଡିଭାଇଡରରେ ଦୀର୍ଘ ଦିନ ହେଲା ଲାଇଟ୍ ଲାଗିନଥିବା ଯୋଗୁ ସହର ଅନ୍ଧକାର ରହି ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ଲାଇଟ୍ ଲଗାଇବା, ଐତିହାସିକ ଗୋପାଳବନ୍ଧର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବା, ବିଭିନ୍ନ ସ୍ଥାନରେ ପରିଶ୍ରାଗାର, ବସଷ୍ଟପ ଓ ରେଷ୍ଟସେଡ ନିର୍ମାଣ କରିବା, ନୂତନ ବସଷ୍ଟାଣ୍ଡ ଓ ନୂତନ ଏନ୍‌ଏସି ଅଫିସ ଗୃହ ନିର୍ମାଣ କରିବା ଲାଗି ଦାବି ହୋଇଥିଲେ। ଏହାକୁ ସମସ୍ତ ସଭ୍ୟ ସମର୍ଥନ କରିଥିଲେ। ୱାର୍ଡ ନଂ ୯ ରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନଥିବା ହେତୁ ଗର୍ଭବତୀ, ପ୍ରସୂତି ଓ ଶିଶୁମାନେ ସ୍ୱାସ୍ଥ୍ୟ ପରିକ୍ଷା ଲାଗି ଅନ୍ୟ ୱାର୍ଡକୁ ଚାଲି ଚାଲି ଯାଇ ହଇରାଣ ହରକତ ହେଉଥିବା ସହ କୋମଳମତି ଶିଶୁଙ୍କ ଶିକ୍ଷା ଦାନ ହୋଇ ପାରୁନଥିବା ହେତୁ ଏହି ୱାର୍ଡରେ ଥିବା ଧୋବାସାହି ପ୍ରାଥମିକ ବିଦ୍ୟାଳୟର ଅଦରକାରୀ ଗୃହକୁ ଅଙ୍ଗନୱାଡି କେନ୍ଦ୍ର ପରିଚାଳନା ଲାଗି ଯୋଗାଇ ଦେବା ନିମନ୍ତେ କାଉନସିଲର ଲିଙ୍ଗରାଜ ବେହେରା ଦାବି କରବା ସହ ୱାର୍ଡରେ ୧୧ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟମାନ କରିବା ପାଇଁ ଦାବି କରିଥିଲେ। ଏଥିରେ ଉପାଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, କାଉନସିଲର ଭବାନୀଶଙ୍କର ନାୟକ, ଅଶୋକ କୁମାର ମହାକୁଡ, ଭାସ୍କର ବେହେରା, ଲିଙ୍ଗରାଜ ବେହେରା, ଅର୍ଚ୍ଚନା ପଣ୍ଡା, ପ୍ରମିତାକୁମାରି ପଣ୍ଡା, ଜମୁନା ବେହେରା, ଗିରିଜା ବେହେରା, ଅରୁଣକୁମାର ମହାକୁଡ, କେ ପ୍ରମୋଦ କୁମାର ଆଚାରି, ସୁଦକ୍ଷା ବେହେରା ଓ ସୁଜାତା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାତ ଖୋଳାରେ ଅଟକିଛି ସ୍ମାର୍ଟ ସ୍କୁଲ କାର୍ଯ୍ୟ

ଆର.ଉଦୟଗିରି,୧୧।୫(ଡି.ଏନ.ଏ.)- ଉନ୍ନତମାନର ପାଠାଗାର ସ୍ଥାପନ କରି ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ରାଜ୍ୟ ସରକାର ୫-ଟି ପଦ୍ଧତିରେ ଉଚ୍ଚ ବିଦ୍ୟାଳୟଗୁଡିକୁ ରୂପାନ୍ତରିତ କରୁଛନ୍ତି। ମୋହନା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସରେ ଉଦଘାଟିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୧୭ଟି ବିଦ୍ୟାଳୟ ରୂପାନ୍ତରଣ ନିମନ୍ତେ ସରକାର ଅର୍ଥ ଯୋଗାଇଥିଲେ। ସେଥିରୁ କେତେକ ବିଦ୍ୟାଳୟ କାର୍ଯ୍ୟ ଶେଷ ସରିଥିବା ବେଳେ ଆଉ କେତେକ କାର୍ଯ୍ୟ ଚାଲିଛି। ହେଲେ ବ୍ଲକର କଟାମାସ୍ଥିତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଗାତ ଖୋଳାରେ ଅଟକି ରହିଛି। ଠିକାଦାର କାହିଁକି କାର୍ଯ୍ୟ କରୁନାହାନ୍ତି ତାହା କେହି କହିପାରୁନାହାନ୍ତି। ବିଭାଗୀୟ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଉକ୍ତ କାର୍ଯ୍ୟ ହେଉଥିଲେ ମଧ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

### ହରଭଙ୍ଗି ଡ୍ୟାମ୍‌ରେ ବେଲାଙ୍ଗିନ ପର୍ବ ପାଳନ

ଆର.ଉଦୟଗିରି,୧୧।୫(ଡି.ଏନ.ଏ.)- ମୋହନା ବ୍ଲକ ନିକଟସ୍ଥ ବିରିକୋଟ ପଞ୍ଚାୟତ ଅନ୍ତର୍ଗତ ହରଭଙ୍ଗି ଡ୍ୟାମ୍‌ଠାରେ ମାଁ ବେଲାଙ୍ଗିନ ଯାତ୍ରା ପାଳନ ହୋଇଛି। କରୋନା ପାଇଁ ଦୁଇ ବର୍ଷ ବନ୍ଦ ରହିଥିଲା ଏହି ପର୍ବ। ଚଳିତବର୍ଷ ୫ ହଜାର ଲୋକ ଏହି ପର୍ବରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବ୍ଲକ ଅଧକ୍ଷ ରଞ୍ଜିବ ଶବର, ଜିଲା ପରିଷଦ ଉପଧକ୍ଷା କୁନ୍ତଳା ମଲ୍ଲିକ, ବିରିକୋଟ ସରପଞ୍ଚ ମୋକ୍ଷା ମାଝୀ, ରାୟଗଡ଼ା ଜିଲାର ମୁଖ୍ୟ ବିଶ୍ୱପ ଧର୍ମ ଯାଜକ ଆପିଲିନା ସେନାପତି, ମୁଖ୍ୟ ପୁରୋହିତ, ମୋହନା ପାରିଷ, ବିରିକୋଟ ପାରିଷ, ଆଲିଗଣ୍ଡା ପାରିଷ, ରାଇଫଙ୍କା ପାରିଷ, ଯୁବ ପାରିଷ ଉପସ୍ଥିତ ଥିଲେ। ଅଡବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସଦଳବଳ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବାସ କରୁଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏହି ପର୍ବକୁ ଧୁମଧାମରେ ପାଳନ କରନ୍ତି। ଏହି ପର୍ବକୁ ଗଞ୍ଜାମ, ଗଜପତି, ରାୟଗଡା, କନ୍ଧମାଳ ସମେତ ରାଜ୍ୟ ବାହାରୁ ମଧ ଖ୍ରୀଷ୍ଟ ବିଶ୍ୱାସୀମାନେ ଉପସ୍ଥିତ ରହିବା ସହ ଉପବାସ ରହି ଏହି ପର୍ବ ପାଳନ କରୁଥିବା ଶୁଣିବାକୁ ମିଳେ।

### ବାଇକ୍ ଦୁର୍ଘଟଣା, ୨ ଗୁରୁତର

ଫୁଲବାଣୀ ଅଫିସ,୧୧।୫- ସଦର ଥାନା ଅନ୍ତର୍ଗତ କୁମୁରିଗୁଡା ନାଳ ନିକଟରେ ବୁଧବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫିରିଙ୍ଗିଆ ଥାନା ରତଙ୍ଗ ପଞ୍ଚାୟତ ସେଷ୍କାଯୋଡି ଗ୍ରାମର ଶଙ୍କର ଦିଗାଲ ଓ ମାଣିଯୋଡା ଗ୍ରାମର ଗୁରୁଦେବ ମଲିକ। ଉଭୟେ କୌଣସି କାର୍ଯ୍ୟରେ ବାଇକରେ ଫୁଲବାଣୀ ଆଡକୁ ଆସୁଥିବା ବେଳେ କୁମୁରିଗୁଡା ପୋଲ ନିକଟରେ ଗାଡି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ ସେମାନେ ଆହତ ହୋଇ ରାସ୍ତାରେ ପଡି ରହିଥିଲେ। ସେ ସମୟରେ ଫିରିଙ୍ଗିଆରୁ ଫେରୁଥିବା ଗୋଚ୍ଛାପଡା ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପ୍ରଶାନ୍ତ କୁମାର ସାହୁ ଆମ୍ବୁଲାନ୍ସ ଡକାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବାଇକ ଚାଳକ ଗୁରୁଦେବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସଦର ଥାନା ଏସଆଇ ଯୁଗଳ କିଶୋର ନାୟକ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରଛନ୍ତି।

# ଜଙ୍ଗରଡ଼ା: ବର୍ଷ ସାରା ପାଣି ଅଭାବ

**ସେମିଳିଗୁଡ଼ା/ସୁନାବେଡ଼ା, ୧୧।୫(ସ୍ୱ.ପ୍ର.)**


ଜଙ୍ଗରଡ଼ା ଗ୍ରାମ।

- ଟାଣ ଖରା ନ ହେଲେ ଚାଲେନି ସୌରଚାଳିତ ମୋଟର ପମ୍ପ
- ୨୫୦ ଛାତ୍ରୀଛାତ୍ରଙ୍କ ପାଇଁ ରହିଛି ୬ ଶ୍ରେଣୀଗୃହ
- ହିତାଧିକାରୀଙ୍କୁ ମିଳୁନି ଆବାସ,ବିଜୁ ପକ୍କାଘର

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ସାଡାମ ପଞ୍ଚାୟତ ଅନ୍ତର୍ଗତ ଜଙ୍ଗରଡ଼ା ଗ୍ରାମରେ ବିଭିନ୍ନ ସମସ୍ୟାରେ ଗ୍ରାମବାସୀ ଚଳୁଛନ୍ତି। ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳିପାରିନାହିଁ। ସରକାରଙ୍କ ସବୁ ଯୋଜନା ଏଠାରେ ଫେଲ୍ ମାରିବା ପରି ମନେହୁଏ। ୧୨୦ ପରିବାରର ୫ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଜଙ୍ଗରଡ଼ା ଗ୍ରାମରେ ବର୍ଷ ତମାମ ପାଣି ସମସ୍ୟା ଲାଗି ରହିଛି। ଦୁଇଟି ନଳକୂଅ ଥିଲେ ମଧ ସେଥିରୁ ଗୋଟିଏ ଅଚଳ ଥିବାବେଳେ ଅନ୍ୟଟି ଆଂଶିକ କାମ କରୁଛି। ଅଳ୍ପ ସମୟ ଭଲ ପାଣି ବାହାରିବା ପରେ ମାଟିପାଣି ବାହାରୁଛି। ଫଳରେ ଗ୍ରାମବାସୀ ୨ କି.ମି. ଦୂରରେ ଥିବା ବଡ଼ନଦୀ ଉପରେ ପାନୀୟ ଜଳ ପାଇଁ ନିର୍ଭର କରନ୍ତି। ଗ୍ରାମରେ ଏକ ସୌରଶକ୍ତି ଚାଳିତ ମୋଟର ପମ୍ପ ବସାଯାଇଛି ସତ, ମାତ୍ର ଏହା ଟାଣଖରା ହେଲେ କାର୍ଯ୍ୟକ୍ଷମ ହୁଏ ନଚେତ୍ ସକାଳୁ କିମ୍ବା ମେଘୁଆ ପାଗ ହେଲେ ଚାଲେ ନାହିଁ। ଗ୍ରାମରେ ଥିବା ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଏତେ ସଂଖ୍ୟକ ପିଲାଙ୍କ ପାଇଁ ଶ୍ରେଣୀଗୃହ ରହିଛି ମାତ୍ର ୬ଟି। ଗ୍ରାମରେ ବିଦ୍ୟୁତ୍ ବ୍ୟବସ୍ଥା ଥାଇ ନ ଥିବା ସହ ସମାନ। ସବୁବେଳେ ବିଦ୍ୟୁତ୍ କାଟ ଯୋଗୁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ମଧ ବାଧାପ୍ରାପ୍ତ ହୋଇଥାଏ। ଗ୍ରାମର ଯୋଗ୍ୟ ହିତାଧିକାରୀଙ୍କୁ ୩ ବର୍ଷ ହେବ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇନାହିଁ। ପ୍ରଶାସନପକ୍ଷରୁ ଏ ଦିଗରେ ପଦକ୍ଷେପ ନେଇ ସମସ୍ୟା ଦୂରକରିବା ଲାଗି ସାଧାରଣରେ ଦାବି ହେଉଛି।

## ବିଜେଡି ନେତା ଦ୍ୱୟଙ୍କୁ ହତ୍ୟା ଘଟଣା

# ୩ ଦିନିଆ ପୋଲିସ ରିମାଣ୍ଡରେ ୩ ସୁପାରିକିଲର

**ଦିଗପହଣ୍ଡି,୧୧।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ପାଳଖଡି ଗ୍ରାମର ଦୁଇ ବିଜେଡି ନେତା ସୁଦର୍ଶନ ସୁଆର ଏବଂ ସୁଧୀର ଚନ୍ଦ୍ର ପାତ୍ରଙ୍କ ହତ୍ୟା ଘଟଣାରେ ପୋଲିସ ଅଧିକ ତଥ୍ୟ ଆଦାୟ ପାଇଁ ଉଦ୍ୟମ ଆରମ୍ଭ କରିଛି। ଗତ ପଞ୍ଚାୟତ ନିର୍ବାଚନ ପରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ସୁପାରୀ କିଲରମାନଙ୍କ ମାଧ୍ୟମରେ ଦୁଇ ନେତାଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦିଆଯାଇଥିଲା। ସେମାନେ ହେଲେ କୁକୁଡାଖଣ୍ଡିର ବୁଢୁ ଦାସ, ଲାଠି ଗ୍ରାମର କୁନା ଗୌଡ଼, ଜଗନ୍ନାଥପୁର ଗ୍ରାମର ବି. ଦେବରାଜ ରେଡି, ପାଳଖଡି ଗ୍ରାମର କୃଷ୍ଣଚନ୍ଦ୍ର ଗୌଡ, ବସନ୍ତ କୁମାର ଗୌଡ, ଗଡ ସାମନ୍ତରାପୁର ଗ୍ରାମର ସିଦ୍ଧାନ୍ତ ଗୌଡ ଏବଂ ଆଦିକନ୍ଦପୁର ଗ୍ରାମର ସନ୍ତୋଷ କୁମାର ପ୍ରଧାନ। ଦିଗପହଣ୍ଡି ଥାନା ମାମଲା ନଂ. ୧୪୫/୨୨ ପ୍ରକାରେ ସମସ୍ତ ଅଭିଯୁକ୍ତ ଦିଗପହଣ୍ଡି ସବ ଜେଲରେ ରହିଛନ୍ତି। ହତ୍ୟା ମାମଲାର ତଦନ୍ତ ସମୟରେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ କୁମାର ଗୌଡ଼ର ଗଞ୍ଜେଇ କାରବାର ସହ ସମ୍ପୃକ୍ତ ଥିବା ଏବଂ ତାକୁ ଗିରଫ ସମୟରେ ଗଞ୍ଜେଇ ଜବତ ହୋଇଥିବାରୁ ପ୍ରଶାନ୍ତ ଓ ତାଙ୍କ ଅନ୍ୟ ସହଯୋଗୀ ସୁମନ୍ତ କୁମାର ନାହାକଙ୍କୁ ଅନ୍ୟ ଏକ ମାମଲା ନଂ. ୧୪୭/୨୨ରେ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା। ଏହି ସମ୍ବେଦନଶୀଳ ଘଟଣାରେ ଅଧିକ ତଥ୍ୟ ହାସଲ କରିବା ଲକ୍ଷ୍ୟରେ ବର୍ତ୍ତମାନ ପୋଲିସ ତାର ତଦନ୍ତ ପ୍ରକ୍ରିୟାକୁ ବ୍ୟାପକ କରି ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କ ସହ ସିଧାସଳଖ ହତ୍ୟାକାଣ୍ଡରେ ସମ୍ପୃକ୍ତ କୁନା ଗୌଡ଼, ବୁଢୁ ଦାସ ଓ ଦେବରାଜଙ୍କ ମଧ୍ୟରେ ମୁହାଁମୁହିଁ ଜେରା କରିବା ଚାହୁଁଥିବା ଜଣାପଡିଛି। ସେଥିପାଇଁ ଦିଗପହଣ୍ଡି ମାଜିଷ୍ଟ୍ରେଟଙ୍କ ଅନୁମତି କ୍ରମେ ଦିଗପହଣ୍ଡି ପୋଲିସ ଅଭିଯୁକ୍ତ କୁନା, ବୁଢୁ ଓ ଦେବରାଜଙ୍କୁ ବୁଧବାରଠାରୁ ୩ ଦିନିଆ ରିମାଣ୍ଡରେ ନେଇଛି। ସେହିଭଳି ବ୍ରହ୍ମପୁର ଜେଲରୁ ପ୍ରଶାନ୍ତ ଓ ସୁମନ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ସ୍ୱତନ୍ତ୍ର ଜିଲା ଜଜ୍‌ଙ୍କ ନିକଟରେ ଆବେଦନ ମଧ କରାଯାଇଛି। ଗୁରୁବାର ରିମାଣ୍ଡ ଅନୁମତି ମିଳିବା ପରେ ହତ୍ୟା ଘଟଣାରେ ପୋଲିସ ଅନେକ ରହସ୍ୟର ଉନ୍ମୋଚନ କରିପାରେ ବୋଲି ନଜର ରହିଛି।

# ୨.୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୪ ଗିରଫ



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତମାନେ।

**ସୁନାବେଡା/ସେମିଳିଗୁଡା,୧୧।୫ (ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ବଲେରୋରୁ ୨୬୬ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାଡଖଣ୍ଡ ବୋକାରୋ ଜିଲାର ସୁରେନ୍ଦ୍ର କାରମାଲି(୩୦) କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର ଚୈତନ ଖିଲ, ମାଛପୁଟ ଗ୍ରାମର ଚୈତନ୍ୟ ପାଙ୍ଗି(୪୨) ଓ ବିହାର ଭୋଜପୁର ଜିଲାର ଛୋଟନ ରାମ (୪୮) ବୋଲି ସୁନାବେଡା ଏସଡିପିଓ ମନୋଜ ବେହେରା କହିଛନ୍ତି। ଖବରରୁ ଜଣାପଡିଛି ବୁଧବାର ସେମିଳିଗୁଡା ଥାନା ସମ୍ମୁଖରେ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ସମୟରେ ବୋଲେରୋ ଓଡ଼ି୦୫ଏସି-୩୮୪୨)ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇଥିଲେ। ଏହି ବୋଲେରୋ ପହଞ୍ଚିବା ପରେ ଏସଆଇ ଦୀପକ ବାରିକ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ୮୦ଟି ପ୍ଲାଷ୍ଟିକ ପରିବା ଟ୍ରେରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ପୋଲିସ ଏହାକୁ ଜବତ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ନଗଦ ୧୧ ହଜାର ଟଙ୍କା, ୫ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ (ଏପି୩୧ଏଡବ୍ଲ୍ୟୁ୧୫୬୧) ଜବତ ହୋଇଛି। ଏନେଇ କେସ ନଂ. ୭୫/ ୨୨ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର କହିଛନ୍ତି।

## ଅସାନି ପ୍ରଭାବ: ପହଞ୍ଚିଲା ଓଡ୍ରାଫ୍ ଟିମ୍

**ମାଲକାନଗିରି,୧୧।୫(ଡି.ଏନ୍.ଏ.)**

ଓଡ଼ିଶାରେ ବାତ୍ୟା ଅସାନି ପ୍ରଭାବ ମାଲକାନଗିରି ଜିଲାକୁ ପଡ଼ିବ ବୋଲି ସୂଚନା ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ବସି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯିବା ସହ ଜିଲାର ୭ଟି ବ୍ଲକର ସବୁ ବିଡିଓ ଏବଂ ତହସିଲଦାର, ପିଇଓ, ରାଜସ୍ୱ ନିରୀକ୍ଷକ, ସରପଞ୍ଚମାନଙ୍କୁ ସଜାଗ ରଖାଯାଇଛି। ବୁଧବାର ମାଲକାନଗିରି ଜିଲାରେ ଦୁଇଟି ଓଡ୍ରାଫ୍ ଟିମ୍ ପହଞ୍ଚିଛନ୍ତି। ଗୋଟିଏ ଟିମ୍ ଆନ୍ଧ୍ର ସୀମାନ୍ତ ମୋଟୁଠାରେ ଏବଂ ଅନ୍ୟ ଏକ ଟିମ୍ ଜିଲା ସଦର ମହକୁମାରେ ନିୟୋଜିତ ହୋଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ଝିପିଝିପି ବର୍ଷା ଲାଗି ରହିଛି। ନଦୀକୂଳିଆ ଅଞ୍ଚଳର ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ସତର୍କ କରାଯାଇଛି। ଚାଷୀମାନେ ବର୍ଷା ଭୟରେ ସେମାନଙ୍କ ପନିପରିବା ଓ ପାଚିଲା ଧାନ କାଟି ସୁରକ୍ଷିତ ସ୍ଥାନକୁ ନେଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ବୁଧବାର ଜିଲାର ସମସ୍ତ ବିଦ୍ୟାଳୟ ଦିନକ ପାଇଁ ଛୁଟି ଘୋଷଣା କରାଯାଇଥିଲା।

# ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

**ପାରଳାଖେମୁଣ୍ଡି,୧୧।୫(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ପ୍ରକାରେ ଗଜପତି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିଛି। ବୁଧବାର ସକାଳୁ ଝିପିଝିପି ବର୍ଷା ଲାଗି ରହିଛି। ଯେଉଁ ସବୁ ପାହାଡିଆ ସମ୍ବେଦନଶୀଳ ଅଞ୍ଚଳରେ ଅଧିକ ବର୍ଷା ହେବା ଫଳରେ ପାହାଡ ଧସିବା ଆଶଙ୍କା ବା ପୂର୍ବରୁ ଯେଉଁ ସବୁ ଅଞ୍ଚଳରେ ଦୁର୍ଘଟଣା ଘଟିଛି ସେହି ସେହିଭଳି ୨୪ଟି ଅଞ୍ଚଳକୁ ଚିହ୍ନଟ କରି ସେଠାରେ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ କରାଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମସ୍ତ ସାତୋଟି ବ୍ଲକରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯାଇଥିବା ଜିଲାପାଳ ଲିଙ୍ଗରାଜ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଦୁଇଟି ଓଡ୍ରାଫ ଟିମ ସହ ଜିଲାର ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସେମାନଙ୍କୁ ୩ ଭାଗରେ ବିଭକ୍ତ କରି କାଶୀନାଗର, ଗୋଷାଣୀ, ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ଅଞ୍ଚଳରେ ମୁତୟନ କରାଯାଇଛି। ସେଭଳି ଜିଲାର ୭ ବ୍ଲକରେ ସ୍ୱତନ୍ତ୍ର ୮ଜଣ ଅଧିକାରୀକୁ ପରସ୍ଥିତି ଉପରେ ନଜର ରଖିବାସହ ବିଭିନ୍ନ ଅଙ୍ଗନବାଡି, ସ୍କୁଲଘର ଓ ସରକାରୀ ଅନୁଷ୍ଠାନରେ ୩୨୧ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇଛି। ଜିଲାର ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଆବଶ୍ୟକ ସ୍ଥଳେ ଜିଲାର ମୋଟ ୧୧୪ ପଞ୍ଚାୟତର ୧୫୬୫୧ଜଣ ଲୋକଙ୍କୁ ସ୍ଥାନାନ୍ତର କରିବା ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି।

# ବର୍ଷେ ହେଲାଣି ଫଟା ପାଇପ୍ ମରାମତି ହେଉନି

**ମାଲକାନଗିରି,୧୧।୫ (ଡି.ଏନ.ଏ.)**


ପାଇପ୍ ନିକଟରେ ଚୁଆ କରି ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡଘାଟ ପଞ୍ଚାୟତର ଅମଳାବଟା ଗ୍ରାମରେ ବଢ଼ିବାରେ ଲାଗିଛି ଜଳ କଷ୍ଟ । ଗ୍ରାମରେ ପାନୀୟ ଜଳ ଯୋଗାଣ ଲାଗି ପାଇପ ଲାଇନ ବ୍ୟବସ୍ଥା ରହିଛି। ତେବେ ଏକ ବର୍ଷ ହେଲାଣି ଏହି ପାଇପ ଫାଟି ଯାଇଥିବାରୁ ଲୋକଙ୍କୁ ଆଉ ଠିକ ରୂପେ ପାନୀୟ ଜଳ ମିଳିପାରୁନାହିଁ । ପାଇପରେ ପାଣି ଆସୁଛି ହେଲେ ଫଟା ପାଇପ ଦେଇ ତାହା ମାଟିରେ ମିଶୁଛି । ଅନେକ ଥର ପାଇପ ଲାଇନ ମରାମତି ପାଇଁ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ତାହା ହୋଇପାରିନାହିଁ । ଫଳରେ ବାଧ ହୋଇ ଲୋକେ ପାଇପର ଫାଟି ଯାଇଥିବା ସ୍ଥାନରେ ଏକ ଗାତ ଖୋଳି ଚୁଆ କରି ସେଥିରୁ ଜଳ ସଂଗ୍ରହ କରୁଛନ୍ତି । ଲୋକେ ଆବଶ୍ୟକ ଅନୁଯାୟୀ ପାଣି ପାଉ ନ ଥିବାରୁ ଗ୍ରାମଠାରୁ କିଛି ଦୂରରେ ଥିବା ନଦୀରୁ ପାନୀୟଜଳ ସଂଗ୍ରହ କରି ଚଳୁଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଲକ୍ଷାଧିକ ଟଙ୍କାର ମଦ,ପୋଚ ଜବତ

**ଜୟପୁର, ୧୧।୫ (ନି.ପ୍ର.)**

ଜୟପୁର ଅବକାରୀ ବିଭାଗ ବୁଧବାର ଲିମା ଗ୍ରାମ ନିକଟସ୍ଥ ନଦୀ ତଟରେ ଲୁଚାଇ ରଖାଯାଇଥିବା ୬ ହଜାର ୮ ଶହ ଲିଟର ପୋଚ ଓ ୫୬୦ ଲିଟର ଦେଶୀ ମଦ ଜବତ କରିଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାର୍ଣ୍ଡି ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ରିତୁ ସିଂ ଉପସ୍ଥିତ ଥିଲେ।

# ଇସ୍ରୋ ଯୁବବିଜ୍ଞାନୀ କାର୍ଯ୍ୟକ୍ରମକୁ ଦାମନଯୋଡ଼ିର ଅଂଶୁମାନ ମନୋନୀତ

**ଦାମନଯୋଡ଼ି,୧୧।୫(ଡି.ଏନ୍.ଏ.)**



ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ଯୁବବିଜ୍ଞାନୀ କାର୍ଯ୍ୟକ୍ରମ ୨୦୨୨ ପାଇଁ ଦାମନଯୋଡ଼ି ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଅଂଶୁମାନ ସାହୁ ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ୧୫୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣଙ୍କ ମଧ୍ୟରେ ଅଂଶୁମାନ ସ୍ଥାନ ପାଇ ଦାମନଯୋଡ଼ି ତଥା କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଚଳିତ ମେ ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଅବସ୍ଥିତ ଇସ୍ରୋର ୫ଟି ଶାଖା କେନ୍ଦ୍ରରେ ଅନୁଷ୍ଠିତ ହେବ। ସେଥିରୁ ହାଇଦ୍ରାବାଦସ୍ଥିତ ଜାତୀୟ ସୁଦୂର ସମ୍ବେଦନ କେନ୍ଦ୍ର (ଏନ୍‌ଆର୍‌ଏସ୍‌ସି)ଠାରେ ଅଂଶୁମାନ ମେ ୧୫ରେ ଯୋଗଦେବେ। ସେଠାରେ ବିଭିନ୍ନ କର୍ମଶାଳା ଓ ବୈଜ୍ଞାନିକଙ୍କ ସହ ଆଲୋଚନାରେ ସେ ଅଂଶଗ୍ରହଣ କରିବେ। ମେ ୨୬ରୁ ୨୮ ପର୍ଯ୍ୟନ୍ତ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର (ଏସ୍‌ଡିଏସ୍‌ସି) ଓ ରକେଟ ଉତ୍କ୍ଷେପଣ କେନ୍ଦ୍ର ପରିଦର୍ଶନ କରି ଇସ୍ରୋ ଅଧକ୍ଷଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ ଅଂଶୁମାନ। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଅଂଶୁମାନ ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରରେ କାର୍ଯ୍ୟରତ ଶିକ୍ଷକ ରବୀନ୍ଦ୍ର ସାହୁ ଓ ପ୍ରାଣୀଧନ ନିରୀକ୍ଷକ ରୂପେ କାର୍ଯ୍ୟରତା ନିର୍ମଳା ସାହୁଙ୍କ ପୁଅ।

# ସରିଲା ଗ୍ରାମଦେବୀ ଠାକୁରାଣୀଙ୍କ ଘଟଯାତ୍ରା

**ପଟ୍ଟାଙ୍ଗୀ,୧୧।୫(ଡି.ଏନ.ଏ)**

**ସ୍ଥାୟୀ ମନ୍ଦିରକୁ ବିଜେ କଲେ ମାଁ ଗାଙ୍ଗମା**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଗ୍ରାମ ଦେବୀ ମାଁ ଗାଙ୍ଗମାଙ୍କ ନବରାତ୍ର ଘଟ ଯାତ୍ରା ଶେଷ ହୋଇଛି। ବୁଧବାର ମା' ଅସ୍ଥାୟୀ ମଣ୍ଡପରୁ ମନ୍ଦିରକୁ ଫେରିଛନ୍ତି । ଏହି ନବରାତ୍ର ଘଟଯାତ୍ରା ୨ ତାରିଖରୁ ଆରମ୍ଭ ହୋଇ ୯ ଦିନ ଧରି ଚାଲିଥିଲା। ଜଗନ୍ନାଥ ମନ୍ଦିର ନିକଟରେ ଥିବା ଅସ୍ଥାୟୀ ମଣ୍ଡପରେ ମା' ପୂଜା ପାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଅସ୍ଥାୟୀ ମଣ୍ଡପରେ ପ୍ରଥମ ଦିନ ପହଞ୍ଚିବା ପରେ ବିଶ୍ରାମ ନେଇ ଦ୍ୱିତୀୟ ଦିନ ହରିଜନ ସାହିରେ ଥିବା ତାଙ୍କ ମା' ଘରକୁ ଯାଇ ଫେରି ଆସିଥିଲେ। ତୃତୀୟ ଦିନ ଠାକୁରାଣୀ ଗ୍ରାମ ପରିକ୍ରମା କରି ପ୍ରତି ଘର ଓ ସାହିରେ ପୂଜା ପାଇଥିଲେ । ସେହିପରି ଚତୁର୍ଥ ଦିନରେ ବଡଗାଁ ଏବଂ ଶିଶାଗୁଡା ଦୁଇ ଗ୍ରାମରେ ପୂଜା ପାଇ ପଞ୍ଚମ ଦିନରେ ବିଶ୍ରାମ ନେଇଥିଲେ। ଷଷ୍ଠ ଦିନ ଠାକୁରାଣୀ ଗ୍ରାମ ପରିକ୍ରମା କରି ସପ୍ତମ ଦିନ ବିଶ୍ରାମ ନେଇଥିଲେ। ଅଷ୍ଟମ ଏବଂ ନବମ ଦୁଇଦିନ ପ୍ରତ୍ୟେକ ସାହିରେ ପହଞ୍ଚି ପୂଜା ପାଇଥିଲେ। ମାନସିକଧାରୀମାନେ ନିଜ ଘରୁ ଘଣ୍ଟ ହାଣ୍ଡି ବାହାର କରି ଠାକୁରାଣୀଙ୍କ ନିକଟରେ ପହଞ୍ଚି ମାନସିକ ପୂରଣ କରିଥିଲେ। ଅସ୍ଥାୟୀ ମଣ୍ଡପ ନିକଟରେ ଯାତ୍ରା କମିଟି ପକ୍ଷରୁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ଯାତ୍ରା କମିଟିର ୫ଜଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରତାପ ଚୌଧୁରୀ,ପୂର୍ବତନ ସରପଞ୍ଚ ଭଗବାନ ଖରା, ଅର୍ଜୁନ ଖରା ଏବଂ ରବି ଖରା ପରିଚାଳନା କରିଥିଲେ। ଅଜିତ ଚୌଧୁରୀ, ମନଜ ଦାସ, ତ୍ରିନାଥ ଗେମେଲ, ଶିବ ପଟ୍ଟନାୟକ, ସୁଜିତ ଚୌଧୁରୀ, ତ୍ରିନାଥ ନାୟକ, ସତ୍ୟ ଖରା ଓ ପ୍ରଫୁଲ୍ଲ ବେହେରା, ଜି ଉମା ମହେଶ୍ୱର ରାଓ ପ୍ରମୁଖ ସହଯୋଗ କରିଥିଲେ।

# ଜେପିଏଲ ଜୟପୁର ପ୍ରିମିୟର ଲିଗ କ୍ରିକେଟ

## ଉଦ୍‌ଘାଟନ ମ୍ୟାଚ ଜିତିଲା ଧଳ ୱାରିଅରସ

**ଜୟପୁର, ୧୧।୫ (ନି.ପ୍ର.):** ଜୟପୁର ଦଶହରା ପଡିଆଠାରେ ଜେପିଏଲ ଜୟପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ଅବିଭକ୍ତ କୋରାପୁଟ ଜିଲାରେ ପ୍ରଥମ ଥର ପାଇଁଜୟପୁର ପ୍ରିମିୟର ଲିଗ ଆୟୋଜିତ ହୋଇଛି। ଉପଜିଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟ୍ୱେଣ୍ଟି ଟ୍ୱେଣ୍ଟି ଫର୍ମାଟରେ ଏହି ମ୍ୟାଚ ହୋଇଛି। ଓରିୟନ କ୍ରିକେଟ କ୍ଲବ ପକ୍ଷରୁ ଏହି ଲିଗ୍ ଆୟୋଜିତ ହୋଇଛି। ଜେପିଏଲ ପାଇଁ ୭ଟି ଦଳ ଭାଗ ନେଇଛନ୍ତି। ଏହି ୭ଟି ଦଳ ଖେଳାଳିଙ୍କୁ ନିଲାମ କରାଯାଇଛି। ଆଗାମୀ ୨୩ ଓ ୨୪ ରେ ସେମି ଫାଇନାଲ ଓ ୨୫ ତାରିଖରେ ଫାଇନାଲ ମ୍ୟାଚ ହେବ। ଆଜିର ପ୍ରଥମ ମ୍ୟାଚରେ ଧଳ ୱାରିଅରସ ସହ ରିଲାୟନ୍ସ ୱାରିଅରସ ମଧ୍ୟରେ ମ୍ୟାଚ ହୋଇଥିଲା। ରିଲାୟନ୍ସ ୱାରିଅରସ ୧୩.୪ ଓଭରେ ୧୦ ଉଇକେଟ ବିନିମୟରେ ୩୯ ରନ କରିଥିବା ବେଳେ ଧଳ ୱାରିଅରସ ୪ ଓଭରରେ ୪୧ ରନ କରି ବିଜୟୀ ହୋଇଥିଲା। ଅମ୍ପାୟର ଦାୟିତ୍ୱରେ ଅସିତ ପଟ୍ଟନାୟକ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁବାସ ରାଉତ, ଅନୁପ ପାତ୍ର, ରବି ନାୟକ, ବାଲା ରାୟ, ଏମ ବାଲା, ଅର୍ଜୁନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କମେଣ୍ଟ୍ରିରେ ମହମ୍ମଦ ଇସାକ ରହିଥିଲେ। ଧଳ ୱାରିଅରସର ଗିରି କ୍ରିଷ୍ଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ଜଗନ୍ନାଥ ସାଗରର ବିକାଶ ନେଇ ସମୀକ୍ଷା କଲେ ଜିଲାପାଳ

**ଜୟପୁର, ୧୧।୫ (ନି.ପ୍ର.)**


ଜିଲାପାଳ ଜଗନ୍ନାଥ ସାଗର କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ଜୟପୁରବାସୀଙ୍କ ବହୁ ବର୍ଷ ଦାବି ପୂରଣ ହେବାକୁ ଯାଉଛି । ଐତିହାସିକ ଜଗନ୍ନାଥ ସାଗରର ବିକାଶ ହେବ । ଏନେଇ ଏକ ଚୁକ୍ତିନାମା ପୂର୍ବରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଏବଂ ହାଲର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପ୍ରମୋଦ କୁମାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଚୁକ୍ତି ସ୍ୱାକ୍ଷର ପରେ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର ବୁଧବାର ଜଗନ୍ନାଥ ସାଗରକୁ ଯାଇ ସମୀକ୍ଷା କରିଛନ୍ତି । ପଞ୍ଚାନନ ମନ୍ଦିର ନିକଟରେ ସାଗରର ପୂର୍ବ ପଟରେ ବିକାଶ ପାଇଁ ଆଲୋଚନା କରିଛନ୍ତି। ପାର୍କ, ବସିବା ପାଇଁ ଚେୟାର, ଫୁଟପାଥ, କାଫେ ଆଦି ହେବ । ଏନେଇ ତୁରନ୍ତ ଏଷ୍ଟିମେଟ କରିବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସାଗରର ଗୋଟିଏ ପାର୍ଶ୍ୱର ବିକାଶ ପାଇଁ ୭ କୋଟି ଟଙ୍କା ୩ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ହାଲ ଦେବ । ଉକ୍ତ ଟଙ୍କାରେ ମୁଖ୍ୟ ଗେଟ ନିର୍ମାଣ, ପିଲାଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର, ବରିଷ୍ଠ ନାଗରିକ ବସିବା ସ୍ଥାନ, ଓପନ ଥିଏଟର, ଷ୍ଟେଜ, ଚଲାପଥ ସାଗରରେ ପଶୁଥିବା ଦୂଷିତ ପାଣିକୁ ବନ୍ଦ କରିବା ପାଇଁ ଡ୍ରେନ ବ୍ୟବସ୍ଥା କରାଯିବ। ଦୂଷିତ ପାଣି ସାଗରକୁ ଯେପରି ନ ପଶିବ ସେନେଇ ସର୍ଭେ କରାଯାଉଛି । ଖୁବ ଶୀଘ୍ର ସାଗରର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କ ସହ କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ ଉପସ୍ଥିତ ଥିଲେ ।